ବର୍ଷ-୨୬, ସଂଖ୍ୟା-୨୫୪
ଭୁବନେଶ୍ୱର
ସେପ୍ଟେମ୍ବର, ୨୧, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 254
Bhubaneswar
September, 21, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା : ବିଭିନ୍ନ ଜିଲ୍ଲାକୁ ରେଡ ଆଲର୍ଟ

ଭୁବନେଶ୍ୱର,୨୦।୯(ମହାଭାରତ):: ପାଣିପାଗ ବିଭାଗ ଆକଳନ ଅନୁସାରେ ବର୍ତ୍ତମାନ ଲଘୁଚାପ କ୍ଷେତ୍ରଟି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ଆଣ୍ଡାମାନ ସାଗର ଉପରେ ରହିଛି ।ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଘନୀଭୂତ ହୋଇ ୨୧ରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତ ଏବଂ ୨୨ ତାରିଖ ବେଳକୁ ଆହୁରି ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ତାରିଖ ସକାଳ ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟ ପଶ୍ଚିମ-କେନ୍ଦ୍ରୀୟ ତଥା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପହଂଚିବ ।ଏହା ସମ୍ପୂର୍ଣ୍ଣ ବାତ୍ୟାର ରୂପ ନେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ, କିନ୍ତୁ ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସତର୍କ ସୂଚନା ଜାରି କରାଯାଇଛି ।

୨୨ରୁ ୨୬ ସେପଟ୍ମେର ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା।

।୨୨ ତାରିଖରେ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଜାରି ହୋଇଛି ।ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ରେ ପ୍ରବଳ ବର୍ଷା ପାଇଁ ହଳଦିଆ ଚେତାବନୀ ରହିଛି ।

ସେହିପରି ୨୩ ତାରିଖରୁ ବଢିବ ବର୍ଷା ।କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ରେଡ୍ ଚେତାବନୀ ଜାରି ହୋଇଥିବା ବେଳେ ଜଗତସିଂହପୁର, କଟକ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଖୋର୍ଦ୍ଧାରେ ଅରେଞ୍ଜ ଚେତାବନୀ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗିରରେ ହଳଦିଆ ଚେତାବନୀ ରହିଛି ।



୨୪ ସେପଟ୍ମେରରେ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ଚେତାବନୀ ଜାରି ହୋଇଛି ।

ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀରେ ଅରେଞ୍ଜ ଚେତାବନୀ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଖୋର୍ଦ୍ଧା ଓ ନୟାଗଡ଼ରେ ହଳଦିଆ ଚେତାବନୀ ରହିଛି ।୨୫ ସେପଟ୍ମେରରେ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଜାରି ହୋଇଛି ।ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପାଇଁ ହଳଦିଆ ଚେତାବନୀ ରହିଛି ।ଏହା ସହ ୨୨ ରୁ ୨୪ ତାରିଖ ପଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ନ ଯିବାକୁ ପରାମର୍ଶ ଦେଇଛନ୍ତି ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

## ଚୌଦ୍ୱାର ଜେଲ୍ ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଗିରଫ

କଟକ, ୨୦।୯ : ଚୌଦ୍ୱାର ଜେଲ୍ କଏଦୀ ଫେରାର ଏବଂ କାଗଜପତ୍ର ଜାଲିଆତି ମାମଲାରେ ଶେଷରେ ଗିରଫ ହୋଇଛନ୍ତି ପୂର୍ବତନ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ। ହାଇକୋର୍ଟରୁ ଜାମିନ ଖାରଜ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

୨୦୨୫ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ଜେଲରୁ ବିହାରର ଦୁଇଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଜେଲର ସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ମଧ ବିଭିନ୍ନ ପ୍ରଶ୍ନ ଉଠିଥିଲା । ଘଟଣା ପରେ ସୁଜିତ ରାଉଳଙ୍କୁ ପଦରୁ ନିଲମ୍ବିତ କରାଯାଇଥିଲା। ଜେଲରୁ କଏଦୀ ଫେରାର ହେବା ଦିନ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ନିଜେ ଗେଟରେ ଉପସ୍ଥିତ ନଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ସେ ଜେଲ୍ ଗେଟ ରେଜିଷ୍ଟରରେ ସେଦିନ ନିଜକୁ ଉପସ୍ଥିତ ଦେଖାଇବାକୁ ଚେଷ୍ଟା କରିଥିଲେ। ଏହା ସହିତ ନିଜ ଦୋଷ ଲୁଚାଇବାକୁ ଯାଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ଜାଲ୍ ଦସ୍ତଖତ କରି ଏକ ନକଲି ରିପୋର୍ଟ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏତଲା ଦାୟର କରିଥିଲେ। ଗିରଫଦାରୀରୁ ବର୍ତ୍ତିବା ପାଇଁ ସୁଜିତ ରାଉଳ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ। କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେ ମୂଳ ଜେଲ୍ ମିନିଟ୍ ବୁକ୍ ଏବଂ ଅସଲି କାଗଜପତ୍ର ପୋଲିସକୁ ହସ୍ତାନ୍ତର କରିନଥିଲେ। ଏହି କାରଣରୁ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେବା ସହ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ହଟାଇ ଦେଇଥିଲେ।

## ଜୟଶଙ୍କର, ସିବିଆଇ ନିର୍ଦ୍ଦେଶକ ଓ ପୂର୍ବତନ ସେନାମୁଖ୍ୟଙ୍କୁ ଏସ୍ଆଇଆର ନୋଟିସ୍

ନୂଆଦିଲ୍ଲୀ୨୦।୯(ମହାଭାରତ):: ଦିଲ୍ଲୀ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅଧୀନରେ ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍ ଏବଂ ପୂର୍ବତନ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସମେତ ଅନେକ ଅତି ବିଶିଷ୍ଟ ବ୍ୟକ୍ତିଙ୍କୁ ନିର୍ବାଚନ କମିସନ ନୋଟିସ ଜାରି କରିଛନ୍ତି। ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଏହି ଯାଞ୍ଚ ପ୍ରକ୍ରିୟାରେ ତଥ୍ୟ ମେଳ ନଖାଇବା ଏବଂ ଅନ୍-ମ୍ୟାପଡ ନାମ ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ରମନ୍ତ୍ରୀ ଜୟଶଙ୍କର ଏବଂ ତାଙ୍କ ପତ୍ନୀ କ୍ୟୋକୋ ଏସ୍ ଜୟଶଙ୍କରଙ୍କୁ 'ଗତ ଏସ୍ଆଇଆର୍ ସହ ଅନ୍-ମ୍ୟାପ୍ଡ' ଶ୍ରେଣୀରେ ରଖାଯାଇଛି। ଏହା ଦର୍ଶାଉଛି ଯେ ସେମାନଙ୍କ ବର୍ତ୍ତମାନର ଭୋଟର ତଥ୍ୟ ୨୦୦୨ର ପୂର୍ବ ସଂଶୋଧନ ତାଲିକା ସହ ଯୋଡ଼ି ହୋଇପାରି ନାହିଁ।




ନୂଆଦିଲ୍ଲୀ ବିଧାନସଭା ମଣ୍ଡଳୀର ସୁନ୍ଦର ବାଗ୍ ଅଂଚଳରେ ଜୟଶଙ୍କର ଓ ତାଙ୍କ ପତ୍ନୀ ଭୋଟର ଭାବେ ପଞ୍ଜୀକୃତ ଅଛନ୍ତି। ସେହିପରି ସିବିଆଇ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦ୍, ତାଙ୍କ ପତ୍ନୀ ବନିତା ସୁଦ୍ ଏବଂ ମା' କମଳେଶ ସୁଦ୍ଙ୍କୁ ମଧ ନୋଟିସ ପଠାଯାଇଛି। ଏହି ତିନି ଜଣଙ୍କୁ ମଧ 'ଗତ ଏସ୍ଆଇଆର ସହ ଅନ୍-ମ୍ୟାପ୍ଡ' ଶ୍ରେଣୀରେ ଦର୍ଶାଯାଇଛି।

ଏହି ସମାନ ଶ୍ରେଣୀ ଅଧୀନରେ ପୂର୍ବତନ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ତାଙ୍କ ପତ୍ନୀ ସୁନିତା ଦ୍ୱିବେଦୀଙ୍କୁ ମଧ ନୋଟିସ ମିଳିଛି। ସେମାନେ ମଧ ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ଭାବେ ପଞ୍ଜୀକୃତ ରହିଛନ୍ତି। ଅନ୍ୟପଟେ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ଙ୍କ ପତ୍ନୀ ଶେବା ବ୍ରିଟାସ୍ ଏବଂ ପୁଅ ଆନନ୍ଦ ବ୍ରିଟାସ୍ଙ୍କୁ ମିଳିଥିବା ନୋଟିସରେ ଭିନ୍ନ ତ୍ରୁଟି ଦର୍ଶାଯାଇଛି। ଶେବାଙ୍କ କ୍ଷେତ୍ରରେ 'ନିଜ ନାମ ମେଳ ନଖାଇବା' ତ୍ରୁଟି ରହିଥିବା ବେଳେ ଆନନ୍ଦଙ୍କ ନୋଟିସରେ 'ପିତାମାତାଙ୍କ ନାମ ମେଳ ନଖାଇବା' ଦର୍ଶାଯାଇଛି।

## ଏମଏମଡିଆରକୁ ନେଇ ପୁଣି ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨୦।୯ : ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରବିବାର ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯେ ବିଜୁ ଜନତା ଦଳ ସବୁବେଳେ ଓଡିଶାର ଅଧିକାର ଓ ଆମର ଯୁବ ସମାଜର ଭବିଷ୍ୟତ ସହିତ ରହିଆସିଛି ଏବଂ ଏହାର ଦୃଢ ସମର୍ଥନ କରୁଛି । ତେଣୁ ନିକଟରେ ସଂସଦରେ ଗୃହିତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଧାନ ସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି କାମ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ରାୟ ଓଡିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା । କୋଟି କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହା ଦ୍ୱାରା ଆମର ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ ହେବା ସହିତ ଓଡିଶାର ବିକାଶ ପାଇଁ ପ୍ରଚୁର ଅର୍ଥ ମିଳିଥାନ୍ତା । କିନ୍ତୁ ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହିତ ହୋଇଗଲା । ଏହା ଦ୍ୱାରା ଓଡିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଏବଂ



ଏହାର ସାମ୍ବିଧାନିକ ଅଧିକାର ମଧ ଚାଲିଯାଇଛି । ବିଧାନ ସଭାରେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରିବାକୁ ନବୀନ ଦାବି କରିଛନ୍ତି।

## ଫ୍ଲାଇ ଓଭରରୁ ଖସି ପଡିଲା ବିଏମଡବ୍ଲୁ କାର, ୩ ମୃତ

ନୂଆଦିଲ୍ଲୀ, ୨୦।୯ : ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରୁ ଏକ ବଡ଼ ସଡ଼କ ଦୁର୍ଘଟଣାର ଭିଡିଓ ଏବେ ଭାଇରାଲ ହେଉଛି । ଏଠାରେ ଏକ ଦ୍ରୁତଗାମୀ ବିଏମଡବ୍ଲୁ କାର ନିୟନ୍ତ୍ରଣ ହରାଇ ଏକ ପୋଲ ଉପରୁ ଖସି ପଡୁଥିବା ଦେଖିବାକୁ ମିଳୁଛି। ଏହି ଘଟଣାରେ ୩ ଜଣ ପ୍ରାଣ ହରାଇଛନ୍ତି। କାର୍‌ରେ ୪ ଜଣ ଥିବା ସୂଚନା ମିଳିଛି। ଜଣେ ଆହତ ବ୍ୟକ୍ତି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କଳା ଈଗଡ କାରଟି ମେରାଇନ୍ ଡ୍ରାଇଭ୍ ରୁ ହାଜି ଅଲି ଯାତ୍ରା କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ରବିବାର ସକାଳ ୫.୨୦ ରେ ଏହି ଘଟଣା ଘଟିଥିଲା। ପୋଲ ଉପରୁ ଖସି ପଡ଼ିବା ପରେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କୋଷ୍ଟାଲ୍ ରୋଡ୍ କଣ୍ଟ୍ରୋଲ୍ ରୁମ୍ ଅନୁଯାୟୀ, ଗାଡ଼ିରେ ଥିବା ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚତୁର୍ଥ ବ୍ୟକ୍ତି, ଜଣେ ୨୦ ବର୍ଷୀୟ ଯୁବକଙ୍କୁ ନାୟାର ହସ୍ପିଟାଲର ଟ୍ରମା ୱାର୍ଡରେ ଭର୍ତ୍ତି କରାଯାଇଥିଲା।

ଦୁର୍ଘଟଣା ପରେ ତୁରନ୍ତ ଚାରି ଆହତଙ୍କୁ ନାୟାର ହସ୍ପିଟାଲକୁ ପଠାଯାଇଥିଲା। ନାୟାର ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ଯେ ହସ୍ପିଟାଲକୁ ଅଣାଯାଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇସାରିଥିଲା ଏବଂ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ପୋଲିସ ମୁମ୍ବାଇରେ ଘଟିଥିବା ଏହି ଭୟଙ୍କର ସଡ଼କ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ମୁମ୍ବାଇ କୋଷ୍ଟାଲ ରୋଡ୍ ହେଉଛି ୧୦.୫୮ କିଲୋମିଟର ଲମ୍ବା ହାଇ-ସ୍ପିଡ୍ ଫ୍ରିୱେ ଯାହା ଦକ୍ଷିଣ ମୁମ୍ବାଇର ମରିନ୍ ଡ୍ରାଇଭ୍ କୁ ବାନ୍ଦ୍ରା-ୱର୍ଲି ସି ଲିଙ୍କ୍ ର ୱର୍ଲି ଶେଷକୁ ସଂଯୋଗ କରେ। ଏହି ଘଟଣାର ଉତ୍କଣ୍ଠ ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ କାରଟି କେତେ ଗତିରେ ଚାଲୁଥିଲା ଏବଂ ଏହା ସିଧା ବ୍ରିଜ୍ ଉପରୁ କିପରି ତଳକୁ ଖସିପଡ଼ିଲା ତାହା ଦେଖାଯାଉଛି।

## ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ବିଜେଡିର ବିଧାନସଭା ଘେରାଉ ଘୋଷଣା, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୨୦।୯(ମହାଭାରତ): । ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକରେ କଥିତ ତ୍ରୁଟିକୁ ନେଇ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ରାଜ୍ୟ ସରକାର ବିରୋଧରେ ଆନ୍ଦୋଳନ ଘୋଷଣା କରିଛି। ଦଳର ଯୁବ ଓ ଛାତ୍ର ସଂଗଠନଗୁଡ଼ିକ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆଗାମୀ ମୌସୁମୀ ଅଧିବେଶନ ସମୟରେ ଓଡ଼ିଶା ବିଧାନସଭା ଘେରାଉ କରିବାକୁ ଘୋଷଣା କରିଛନ୍ତି।

ବିଜୁ ଯୁବ ଜନତା ଦଳ (ବିୱାଇଜେଡି) ଓ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) କହିଛନ୍ତି ଯେ, ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିଜ ପଦରୁ ଇସ୍ତଫା ନଦେଲେ, ଉଭୟ ସଂଗଠନ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ବିଧାନସଭା ଘେରାଉ କରିବେ। ବିଜେଡି ଅନୁଯାୟୀ, କର୍ମୀମାନେ ସେପ୍ଟେମ୍ବର ୨୨ ତାରିଖରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ମଧ ଦେବେ।

ବିୱାଇଜେଡି ସଭାପତି ଚିନ୍ମୟ ସାହୁ ରବିବାର ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ଦ୍ଧାରିତ ପାଠ୍ୟପୁସ୍ତକରେ ଗୁରୁତର ତ୍ରୁଟି ରହିଛି। ଏହି ତ୍ରୁଟି ସତ୍ତ୍ୱେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ସମ୍ପୃକ୍ତ ପୁସ୍ତକଗୁଡ଼ିକୁ ଫେରାଇ ନେଇନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆଉ କିଛି ଦିନ ମଧ୍ୟରେ ହେବାକୁ ଯାଉଛି। ଏପରି ସ୍ଥିତିରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକରୁ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

ପାଠ୍ୟପୁସ୍ତକ ପ୍ରକାଶନରେ କଥିତ ଅନିୟମିତତା ଅଭିଯୋଗ କରି ସାହୁ ଦାବି କରିଛନ୍ତି ଯେ, ନୂଆ ପାଠ୍ୟପୁସ୍ତକ ପ୍ରକାଶନର ଟେଣ୍ଡର ଶାସକ ଦଳ ସହ ଜଡ଼ିତ ଜଣେ ପ୍ରଭାବଶାଳୀ ନେତାଙ୍କୁ ଦିଆଯାଇଥିଲା। ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ଅଣଦେଖା କରି ସରକାର ଅର୍ଥ ମଞ୍ଜୁର ପ୍ରକ୍ରିୟାକୁ ସୁଚାରୁ ରଖିଥିବା ସେ ଅଭିଯୋଗ କରିଛନ୍ତି। ସାହୁ ପାଠ୍ୟପୁସ୍ତକ ପ୍ରକାଶନରେ ୩୮୦ କୋଟି ଟଙ୍କାର କଥିତ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ଏଥିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କଥିତ ସମ୍ପୃକ୍ତି ଥିବା ମଧ ଦାବି କରିଛନ୍ତି।ବିୱାଇଜେଡି ସଭାପତି ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକୁ ତୁରନ୍ତ ଫେରାଇ ନେବା, ପ୍ରକାଶନ ସହ ଜଡ଼ିତ କଥିତ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଇବା ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଦରୁ ହଟାଇବାକୁ ଦାବି କରିଛନ୍ତି।

ପାଠ୍ୟପୁସ୍ତକରେ ଥିବା ତ୍ରୁଟି ସମ୍ପର୍କରେ ସରକାରଙ୍କ ଛବି ଖରାପ କରିବା ପାଇଁ ଷଡ଼ଯନ୍ତ୍ର ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କଥିତ ବୟାନର ମଧ ସାହୁ ଉଲ୍ଲେଖ କରିଛନ୍ତି। କିଛି ନିମ୍ନସ୍ତରୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, କିନ୍ତୁ ପ୍ରକୃତରେ ଦାୟୀ ବୋଲି କୁହାଯାଉଥିବା ବଡ଼ ଅଧିକାରୀ କିମ୍ବା ବ୍ୟକ୍ତିଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ବିସିଜେଡି ସଭାପତି ଇପ୍ସିତା ସାହୁ ଅଭିଯୋଗ କରିଛନ୍ତି ଯେ, ବିଜେପି ସରକାରଙ୍କ କାର୍ଯ୍ୟକାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇଛି।

## 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ପ୍ରଥମ ତୀର୍ଥଯାତ୍ରାର ଆଭାସୀ ଶୁଭାରମ୍ଭ

ଭୁବନେଶ୍ୱର , ୨୦।୯(ମହାଭାରତ):: ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସି ର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା, ମହିଳା ଓ ଶିଶୁ ବିକାଶ,ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

ଉଦ୍‌ଘାଟନୀ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର ସୁଯୋଗ ସୃଷ୍ଟି ହୋଇଛି। ତୀର୍ଥଯାତ୍ରୀମାନେ ପୁରୀ ସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି।




ସୂଚନାଯୋଗ୍ୟଯେ ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ୨୦ ସେପଟ୍ମେରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି। ଆଜିର ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ, ସେଥିମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ପ୍ରତି ବସରେ , ୩୫ ଜଣ ତୀର୍ଥଯାତ୍ରୀମାନଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଏବଂ ୧ ଜଣ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି।

ଏହି ଯୋଜନା ମଧ୍ୟରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଏହି ଯୋଜନା ଅଧୀନରେ ନିଜ ପଂଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଏବଂ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି।

ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଳବନ୍ତ ସିଂହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ଶ୍ରୀ ରୁଦ୍ର ପ୍ରସନ୍ନ ସାହୁ ଏବଂ ଓଏସଆରଟିସି ର ମହାପ୍ରବନ୍ଧକ ଶ୍ରୀ ଦେବବ୍ରତ ମଲ୍ଲିକ ଉପସ୍ଥିତ ଥିଲେ। ଏହାସହିତ ମାଲକାନଗିରି ବିଧାୟକ ଶ୍ରୀ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ମଙ୍ଗୁ ଖିଲ, କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ଓଏସଆରଟିସି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀ ଏବଂ ତୀର୍ଥଯାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ମହାନଦୀ ଜଳ ବିବାଦର ସମାଧାନ ଖୁବ୍ଶୀଘ୍ର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୯(ମହାଭାରତ): ମହାନଦୀ ଜଳ ବିବାଦର ସମାଧାନ ଖୁବ୍ଶୀଘ୍ର ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଭୁବନେଶ୍ୱର ଗସ୍ତରେ ଆସି ପହଂଚିବା ପରେ ସେ ବିମାନ ବନ୍ଦରରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ମହାନଦୀ ଜଳ ବିବାଦକୁ ନେଇ ଏହି ସୂଚନା ଦେଇଛନ୍ତି।

ବିଷ୍ଣୁଦେବ ସାଏ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଦିଲ୍ଲୀରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଏହାର ସମାଧାନ ପାଇଁ ଉଭୟ ରାଜ୍ୟ କେନ୍ଦ୍ରୀୟ ଜଳ ଆୟୋଗ ର ନିଷ୍ପତ୍ତିକୁ ସହମତି ଜଣାଇସାରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ ଯେଉଁ ନିଷ୍ପତ୍ତି ନେବ, ଉଭୟ ରାଜ୍ୟ ତାହାକୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ମହାନଦୀକୁ ନେଇ ଏବେ କୌଣସି ପ୍ରକାରର ଜଳ ବିବାଦ ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ବିଜେପି ସରକାର ରହିଛି, ସେଠାରେ ଜଳ ବିବାଦର ସମାଧାନ ହୋଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ସହିତ କେନ୍ଦ୍ରରେ ଏନ୍‌ଡିଏ ସରକାର ଥିବାରୁ ମହାନଦୀ ପ୍ରସଙ୍ଗର ସମାଧାନ ଖୁବ୍ଶୀଘ୍ର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ଗସ୍ତ ସମୟରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ ଏବଂ ରାଜ୍ୟବାସୀଙ୍କ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିବେ ବୋଲି ମଧ ବିଷ୍ଣୁଦେବ ସାଏ କହିଛନ୍ତି।




ଛତିଶଗଡ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିରରେ ଦର୍ଶନ-ପୂଜନ କରିବେ। ଏହାପରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିବେ। ସନ୍ଧ୍ୟାରେ ତାଙ୍କର ଶ୍ରୀମଦ୍‌ଭାଗବତ କଥା ସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି। ସେ ପୁରୀର ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିବେ।

ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୈଠକ ମଧ ପ୍ରସ୍ତାବିତ ରହିଛି। ବୈଠକରେ ମହାନଦୀ ଜଳ ବିବାଦର ସମାଧାନ ସମେତ ଉଭୟ ରାଜ୍ୟ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ସୋମବାର ଦିନ ପ୍ରାୟ ୧ଟା ୨୫ ମିନିଟ୍‌ରେ ରାୟପୁର ଫେରିବେ।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୁର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ହନୁମାନ ଶ୍ରୀରାମଙ୍କ ଏତେ ପ୍ରିୟ କାହିଁକି ?



ଗୋସ୍ୱାମୀ ତୁଳସୀଦାସ ସୁନ୍ଦରକାଣ୍ଡ ରଚନା କରୁଥିବାବେଳେ ହନୁମାନଙ୍କ ଗୁଣ ବିଷୟରେ ବିଚାର କରୁଥିଲେ। ସେ ଭାବିଥିବା ସମସ୍ତ ଗୁଣ ହନୁମାନଙ୍କ ନିକଟରେ ଥିଲା। ତେଣୁ ହନୁମାନଙ୍କୁ ପ୍ରଶଂସା କରିବାବେଳେ ସେ ତାଙ୍କୁ 'ସର୍ବ ଗୁଣୀ' ବୋଲି କହିଛନ୍ତି। ସଂସ୍କୃତ ସାହିତ୍ୟରେ କେବଳ ବଜରଙ୍ଗବାଲି ଏହି ସମ୍ମାନ ପାଇଛନ୍ତି। ଯଦିଓ ଭଗବାନଙ୍କର ସମସ୍ତ ରୂପ ନିଜ ଭିତରେ ସଂପୂର୍ଣ୍ଣ, ହନୁମାନ ହିଁ ଏକମାତ୍ର ଯିଏ କୌଣସି କାର୍ଯ୍ୟରେ ବିଫଳ ହୋଇନଥିଲେ । ଜଣେ ସ୍ୱାମୀ ତାଙ୍କ ସେବକଙ୍କଠାରୁ କାର୍ଯ୍ୟରେ ନିଶ୍ଚିତ ସଫଳତା ବ୍ୟତୀତ ଅନ୍ୟ କ'ଣ ବା ଚାହିଁବେ। ପବନପୁତ୍ର ତାଙ୍କର ଅନେକ ଗୁଣ ଯୋଗୁଁ ଭଗବାନ ଶ୍ରୀରାମଙ୍କ ପାଇଁ ପ୍ରିୟ ଥିଲେ । ଏହି ଗୁଣଗୁଡ଼ିକ ମଧ୍ୟ ଆମ ଜୀବନରେ ବଡ଼ ପରିବର୍ତ୍ତନ ଆଣିବାର ଶକ୍ତି ରଖିଥାଏ। ତେବେ ଜାଣିବା ତାଙ୍କର କେଉଁ ସବୁ ଗୁଣ ଥିଲା ଯେଉଁଥିପାଇଁ ସେ ଭଗବାନ ଶ୍ରୀରାମଙ୍କ ଅତିପ୍ରିୟ ଥିଲେ। ବୀରତା, ସାହସ, ପ୍ରଭାବଶାଳୀ, ସମର୍ପଣ, ଆଦର୍ଶ, ସର୍ବାଦ ସଚେତ ରହିବା, ବୌଦ୍ଧିକ କୁଶଳତା, ସଚ୍ଚେଟତା ଓ ନେତୃତ୍ୱ କ୍ଷମତା ସହ ସେ ସମ୍ପୂର୍ଣ୍ଣ ବ୍ୟକ୍ତି ଥିଲେ। ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଲଙ୍କାକୁ ପହଞ୍ଚିବା, ମାତା ସୀତାଙ୍କୁ ନିଜକୁ ରାମଦୂତ ବୋଲି ବିଶ୍ୱାସ କରାଇବା, ଲଙ୍କାକୁ ଜଳାଇ ଭସ୍ମ କରିବା - ତାଙ୍କର ଏହି ଗୁଣଗୁଡ଼ିକ ବିଷୟରେ ବଖାଣିଛନ୍ତି।



## ନିଷ୍ଠାବାନ ଭୀଷ୍ମ



ମହାଭାରତରେ ଅନେକ ନାୟକ ଅଛନ୍ତି । ତେବେ ପ୍ରତ୍ୟେକ ଚରିତ୍ରଙ୍କ କେତେକ ବିଶେଷ ଗୁଣ ରହିଥିଲା । ସେମାନଙ୍କ ଏହି ଗୁଣ ମାନବ ସମାଜକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ । ମହାଭାରତର ଏମିତି ଜଣେ ଗୁରୁତ୍ୱପୂର୍ଣ୍ଣ ନାୟକ ହେଉଛନ୍ତି ପିତାମହ ଭୀଷ୍ମ । ସେ କୁରୁ ବଂଶର ରାଜା ଶାନ୍ତନୁ ଏବଂ ଦେବୀ ଗଙ୍ଗାଙ୍କ ପୁତ୍ର ଥିଲେ । ଭୀଷ୍ମଙ୍କ ଭଳି ନିଷ୍ଠା ମହାଭାରତର ଅନ୍ୟ କୌଣସି ଚରିତ୍ରଙ୍କ ଠାରେ ଦେଖିବାକୁ ମିଳିନଥାଏ । ପିତାମହଙ୍କ ମୂଳ ନାମ ଥିଲା ଦେବବ୍ରତ । ସେ ଆଜୀବନ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିବା ଲାଗି ଭୀଷଣ ପ୍ରତିଜ୍ଞା ନେଇଥିଲେ । ସେଥିପାଇଁ ତାଙ୍କ ନାମ ଭୀଷ୍ମ ହୋଇଥିଲା । ହସ୍ତିନାପୁର ରାଜ୍ୟର ରାଜପଦକୁ ଅସ୍ୱୀକାର କରି ସେ ସିଂହାସନର ସୁରକ୍ଷା ପାଇଁ ନିଜ ପିତା ଏବଂ ବିମାତାଙ୍କୁ ବଚନ ଦେଇଥିଲେ । ଭୀଷ୍ମଙ୍କ ହୃଦୟରେ ଧର୍ମ ରହିଥିଲା । ସେ ପାଣ୍ଡବମାନଙ୍କୁ ସେମାନଙ୍କର ଅଧିକାର ଦେବା ଲାଗି ହସ୍ତିନାପୁର ରାଜା ଧୃତରାଷ୍ଟ୍ର ଏବଂ ତାଙ୍କ ପୁତ୍ର କୌରବଙ୍କ ନିକଟରେ ଦାବି କରିଥିଲେ । ମାତ୍ର ସେମାନେ ଭୀଷ୍ମଙ୍କ କଥା ଶୁଣିନଥିଲେ । କୌରବମାନେ ଅଧର୍ମ ପକ୍ଷରେ ଥିଲେ ଏବଂ ପାଣ୍ଡବମାନେ ଧର୍ମ ପକ୍ଷରେ । ଏହା ଜାଣି ସୁଦ୍ଧା ଭୀଷ୍ମ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରିଥିଲେ । କାରଣ ତାଙ୍କର ହସ୍ତିନାପୁର ରାଜସିଂହାସନ ପ୍ରତି ଗଭୀର ନିଷ୍ଠା ରହିଥିଲା । ଏହି ନିଷ୍ଠା କାରଣରୁ ସେ ସିଂହାସନ ପ୍ରତି ନିଜର କର୍ତ୍ତବ୍ୟ ତୁଲାଇଥିଲେ । ଅନ୍ୟପକ୍ଷରେ ପିତାମହ ହୋଇଥିବା ଦୃଷ୍ଟିରୁ ତାଙ୍କର ପାଣ୍ଡବମାନଙ୍କ ପ୍ରତି କେତେକ କର୍ତ୍ତବ୍ୟ ରହିଥିଲା । ତେଣୁ ଯୁଦ୍ଧ ସମୟରେ ସେ ଅର୍ଜୁନଙ୍କୁ ନିଜର ମୃତ୍ୟୁ ରହସ୍ୟ କହିଦେଇଥିଲେ । ଶେଷରେ ଶ୍ରୀଖଣ୍ଡିନୀ ଆଗକୁ ଆସିବାରୁ ଭୀଷ୍ମ ଅସ୍ତ୍ର ତ୍ୟାଗ କରି ମୃତ୍ୟୁକୁ ବରଣ କରିଥିଲେ । ଏହା ପାଣ୍ଡବଙ୍କ ସହିତ ରହିଥିବା ତାଙ୍କର ସମ୍ପର୍କ ପ୍ରତି ନିଷ୍ଠା ଥିଲା । ନିଃସନ୍ତାନ ହୋଇସୁଦ୍ଧା ନିଜର ବଂଶଜଙ୍କ ପ୍ରତି ନିଷ୍ଠା ରହିବା କାରଣରୁ ସେ ପ୍ରସିଦ୍ଧ ହୋଇପାରିଥିଲେ ।

# ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା । କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ । ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି । ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି । ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସ୍ଥଳ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି । ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା । ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ । ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି । ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି । ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି । ଟପ ଫାଇଭ ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି । ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି । ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ୍ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି । ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢିବାରେ ଲାଗିଛି । ବିଶେଷ କରି ସହରରେ । ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି । ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ । ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି । ସେ ଆହୁରି କହିଛନ୍ତି ଯେ ପାହାଡ ମଧ୍ୟରେ ହୋମ ଷ୍ଟେକୁ ମଧ ବେଶୀ ପସନ୍ଦ କରାଯାଉଛି ।



# ଲୋ' ବ୍ଲଡପ୍ରେସର ଥିଲେ କ'ଣ ଖାଇବେ ?



**ଅଣ୍ଡା:** ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହାର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ।

**ଡାର୍କ ଚକୋଲେଟ:** ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

**ଅଙ୍ଗୁର ଜୁସ୍:** ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରଭାବଶାଳୀ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

**ତରଳ ପଦାର୍ଥ:** ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମ୍‌ରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

**ପନିର:** ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବେ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

**ଚିନି ଯୁକ୍ତ ଖାଦ୍ୟ:** ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହି ସମୟରେ ଏଭଳି କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି ମଧ୍ୟ ପିଇ ପାରିବେ।

# ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା



ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

ନଗରନକ୍ସା
ମହାନଗରର ନିଜ ଭାଷା



# ସ୍ୱାସ୍ଥ୍ୟସେବାକୁ ନୂଆ ଦିଗ ଦେଇପାରିବ ଆୟୁର୍ବେଦ

**ଭୁବନେଶ୍ୱର,୨୦।୯ (ମହାଭାରତ):** ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟ ସେବାକୁ ନୂଆ ଦିଗ ଦେଇ ପାରିବ ବୋଲି ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଭାରତର ପ୍ରାଚୀନ ଜ୍ଞାନ ପରମ୍ପରା ଓ ଭବିଷ୍ୟତର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ମଧ୍ୟରେ ଆୟୁର୍ବେଦ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରିପାରିବ ।ଭାରତ ସମେତ ବିଶ୍ୱସ୍ତରରେ ଆୟୁର୍ବେଦ ପାଇଁ ସୁଯୋଗ ବଢୁଥିବା ବେଳେ ଏହାର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣଭିତିକ ଅଧ୍ୟୟନ, ଗୁଣାତ୍ମକ ମାନଦଣ୍ଡ ଓ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତିଗୁଡ଼ିକୁ ନେଇ ବଢୁଥିବା ଆଗ୍ରହ ଆୟୁର୍ବେଦର ନୂଆ ପିଢ଼ିର ବୃତିଧାରୀମାନଙ୍କ ପାଇଁ ନୂଆ





ସମ୍ଭାବନା ସୃଷ୍ଟି କରିଛି। ଏହି ସମୃଦ୍ଧ ପରମ୍ପରାକୁ ଗବେଷଣା, ନବସୃଜନ, ପ୍ରଯୁକ୍ତି ଓ ଆଧୁନିକ ସ୍ୱାସ୍ଥ୍ୟସେବା ପଦ୍ଧତି ସହ ଆଗକୁ ନେବାର ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ରହିଛି। ଏହି ସେତୁକୁ ଆହୁରି ଅଧିକ ମଜବୁତ କରିବାର ଦାୟିତ୍ୱ ସ୍ନାତକମାନଙ୍କର ବୋଲି ରାଜ୍ୟପାଳ କହିଥିଲେ। ଆୟୁର୍ବେଦର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣ, ଗୁଣାତ୍ମକ ମାନଦଣ୍ଡ ଏବଂ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପ୍ରଚଳନକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଆୟୁର୍ବେଦ ସ୍ନାତକମାନଙ୍କ ପାଇଁ ପାରମ୍ପରିକ ଚିକିତ୍ସା କ୍ଷେତ୍ର ବାହାରେ ମଧ୍ୟ ବ୍ୟାପକ ସୁଯୋଗ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଗବେଷଣା, ଶିକ୍ଷା, ଜନସ୍ୱାସ୍ଥ୍ୟ, ଉଦ୍ୟମିତା, ଡିଜିଟାଲ ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମେଡିକାଲ ଭାଲ୍ୟୁ ଟୁରିଜମ୍ ଓ ୱେଲନେସ୍ ସେବା ଭଳି କ୍ଷେତ୍ରରେ ସେମାନେ କ୍ୟାରିୟର ଗଢ଼ିପାରିବେ। କେବଳ ଚାକିରି ଖୋଜିବା ପରିବର୍ତେ ଚାକିରି ସୃଷ୍ଟିକର୍ତା ହେବାକୁ ରାଜ୍ୟପାଳ ସ୍ନାତକମାନଙ୍କୁ ପରାମର୍ଶ ଦେଇଥିଲେ। ପାରମ୍ପରିକ ଜ୍ଞାନ ସହ ଆଧୁନିକ ପ୍ରଯୁକ୍ତିକୁ ଯୋଡ଼ି ନୀତି ଆଧାରିତ ଓ ବିଶ୍ୱସନୀୟ ଉଦ୍ୟୋଗ ଗଢ଼ିବାକୁ ସେ ଆହ୍ୱାନ ଦେଇଥିଲେ।

ଭାରତୀୟ ଚିକିତ୍ସା ପଦ୍ଧତିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସୁଦୃଢ଼ ଅନୁଷ୍ଠାନ, ଗବେଷଣା, ଆୟୁଷ ସେବାର ବ୍ୟାପକ ସମନ୍ୱୟ ଏବଂ ୱେଲନେସ୍ ?ର ପ୍ରଚାର ମାଧ୍ୟମରେ ଭାରତୀୟ ଚିକିତ୍ସା ପଦ୍ଧତିକୁ ଆହୁରି ଆଗକୁ ନେବାର ଉଦ୍ୟମ ହେଉଛି ବୋଲି କହିଥିଲେ। ଲୋକଭବନର ୱେଲନେସ୍ ସେଂଟର ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ, ସେ ନିକଟରେ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ସେଠାରେ ମୂଲ୍ୟବାନ ଔଷଧୀୟ ଉଦ୍ଭିଦଗୁଡ଼ିକ ସଂରକ୍ଷିତ ହୋଇଥିବା ଦେଖି ଖୁସି ହୋଇଥିଲେ। ଔଷଧୀୟ ଉଦ୍ଭିଦର ଚିକିତ୍ସାତ୍ମକ ଗୁଣ ଓ ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତି ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରସଙ୍ଗ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଭାରତର ଜ୍ଞାନ ପରମ୍ପରାକୁ ବହୁବିଷୟକ ଶିକ୍ଷା, ଗବେଷଣା ଓ ନବସୃଜନ ସହ ଯୋଡ଼ିବାର ଏକ ସୁଯୋଗ ସୃଷ୍ଟି କରିଛି। ପରମ୍ପରାରୁ ମିଳିଥିବା ଜ୍ଞାନକୁ ସୁରକ୍ଷିତ ରଖିବା ସହ ତାହା ଉପରେ ଗବେଷଣା କରିବା ଓ ନୂଆ ଚିନ୍ତାଧାରା ଆଣିବା ମାଧ୍ୟମରେ ଆୟୁର୍ବେଦକୁ ନୂଆ କ୍ଷେତ୍ରକୁ ନେବା ପାଇଁ ରାଜ୍ୟପାଳ ସ୍ନାତକମାନଙ୍କୁ ଆହ୍ୱାନ ଦେଇଥିଲେ।

# ଜଳସେଚନ ଐତିହ୍ୟକୁ ପର୍ଯ୍ୟଟନ ଓ ବିକାଶ ସହ ଯୋଡ଼ିବ ବୋଇତ

**ଭୁବନେଶ୍ୱର,୨୦।୯ (ମହାଭାରତ):** ଓଡ଼ିଶାର ସମୃଦ୍ଧ ଜଳସେଚନ ଐତିହ୍ୟକୁ ସଂରକ୍ଷଣ କରିବା ସହ ଏହାକୁ ପର୍ଯ୍ୟଟନ ଓ ଆଂଚଳିକ ବିକାଶ ସହ ଯୋଡ଼ିବା ଲକ୍ଷ୍ୟରେ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶାର ଜଳସେଚନ ପ୍ରକଳ୍ପ ପର୍ଯ୍ୟଟନ ସୁବିଧାର ବିକାଶ' ଯୋଜନାକୁ ଅନୁମୋଦନ କରିଛି। ଜଳସମ୍ପଦ ବିଭାଗର ଏହି ଯୋଜନା ପାଇଁ ୬୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୫ ବର୍ଷ ଧରି, ଅର୍ଥାତ୍ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଐତିହାସିକ ଜଳସେଚନ ସଂରଚନାଗୁଡ଼ିକର ସଂରକ୍ଷଣ ଓ ପୁନରୁଦ୍ଧାର, ପାରମ୍ପରିକ ଜଳ ପରିଚାଳନା ପଦ୍ଧତିକୁ ଲୋକଲୋଚନକୁ ଆଣିବା ଏବଂ ଐତିହ୍ୟ ସମ୍ପଦ ମାଧ୍ୟମରେ ଆଂଚଳିକ ସାମାଜିକ ଓ ଆର୍ଥିକ ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ପରମ୍ପରାଠାରୁ ବ୍ରିଟିଶ ଓ ସ୍ୱାଧୀନତା ପରବର୍ତୀ ସମୟର ଜଳସେଚନ ସଂରଚନା ପର୍ଯ୍ୟନ୍ତ ବ୍ୟାପ୍ତ ଏହି ଐତିହ୍ୟ ରାଜ୍ୟର ଐତିହାସିକ, ସାଂସ୍କୃତିକ ଓ ଯାନ୍ତ୍ରିକ ପରମ୍ପରାର ପରିଚୟ ବହନ କରେ।

ଯୋଜନା ଅଧୀନରେ ଐତିହାସିକ କୋଠା ଓ ସଂରଚନାଗୁଡ଼ିକର ପୁନଃବ୍ୟବହାର, ସେଗୁଡ଼ିକର ମୂଳ ଜଳ ବ୍ୟବସ୍ଥାର ସ୍ଥିରୀକରଣ ଓ ପୁନରୁଦ୍ଧାର ସହ ଆବଶ୍ୟକ ଭିତିଭୂମିର ବିକାଶ କରାଯିବ। ଏହା ମାଧ୍ୟମରେ ଐତିହ୍ୟ ସମ୍ପଦର ସ୍ଥାୟୀ ବ୍ୟବହାର ଓ ସଂରକ୍ଷଣ ସୁନିଶ୍ଚିତ ହେବ।

'ବୋଇତ' ଯୋଜନା ଓଡ଼ିଶାର ଜଳସେଚନ ଐତିହ୍ୟକୁ ସଂରକ୍ଷଣ କରିବା ସହ ତାହାକୁ ଜନସାଧାରଣ, ପର୍ଯ୍ୟଟନ ଓ ଆଂଚଳିକ ବିକାଶ ସହ ଯୋଡ଼ିବାରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମତପ୍ରକାଶ କରିଛନ୍ତି।

# ବସୁନ୍ଧରା ହିତାଧିକାରୀଙ୍କୁ ଜମି ପ୍ରଦାନ

**ଭୁବନେଶ୍ୱର,୨୦।୯ (ମହାଭାରତ):** ରାଜ୍ୟର ଘରବାରିହୀନ ପରିବାରଗୁଡ଼ିକୁ ସର୍ଭେ ମାଧ୍ୟମରେ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଘରବାରି ନିମନ୍ତେ ଜମି ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ବସୁନ୍ଧରା ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ଗତିଶୀଳ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ୨୦୨୪ ମସିହାରେ କରାଯାଇଥିବା ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ରାଜ୍ୟରେ ମୋଟ ୪୨,୯୧୫ ଘରବାରିହୀନ ବ୍ୟକ୍ତି ଗଣନା ହୋଇଥିବା ବେଳେ ତନ୍ମଧ୍ୟରୁ ତଦନ୍ତ ପରେ ୩୩,୦୮୨ ଜଣ ଯୋଗ୍ୟ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ୩୦,୬୫୩ ଜଣଙ୍କ ସପକ୍ଷରେ ଜମି ଆବଂଟନ କରାଯାଇଛି। ୨୦୨୫ ମସିହାର ପ୍ରାରମ୍ଭିକ ସର୍ଭେରେ ୫୮,୬୨୦ ଘରବାରିହୀନ ବ୍ୟକ୍ତି ଚିହ୍ନଟ ହୋଇଥିବାବେଳେ ତଦନ୍ତ ପରେ ୧୧,୮୨୭ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩,୫୯୮ ଜଣଙ୍କୁ ଜମି ପ୍ରଦାନ କରାଯାଇଛି ଏବଂ ବକେୟା ୮,୨୨୯ ଜଣଙ୍କୁ ଜମି ପ୍ରଦାନ ପାଇଁ ପ୍ରକ୍ରିୟା ଚାଲୁରହିଛି । ବିଗତ ଦୁଇ ବର୍ଷରେ ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ରାଜ୍ୟରେ ମୋଟ ୧,୦୧,୫୩୫ ଘରବାରିହୀନ ବ୍ୟକ୍ତି ଗଣନା ହୋଇଥିବାବେଳେ ତଦନ୍ତ ପରେ ୪୪,୯୦୯ ଜଣ ଯୋଗ୍ୟ ବାସହୀନ ବ୍ୟକ୍ତି ଭାବେ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଅଦ୍ୟାବଧି ୩୪,୨୫୧ ଜଣଙ୍କ ସପକ୍ଷରେ ଜମି ଆବଂଟନ ହୋଇଥିବାବେଳେ ବକେୟା ୧୦,୬୫୮ ଜଣଙ୍କୁ ପର୍ଯ୍ୟାୟକ୍ରମେ ଜମି ଆବଂଟନ କରାଯିବ।

ଏହି ପରିପ୍ରେକ୍ଷୀରେ, ଜମି ଆବଂଟନରେ ଥିବା ସମସ୍ୟା ଦୂର କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି କ୍ଷ ବସୁନ୍ଧରା ଯୋଜନାରେ ଜମି ଆବଂଟନ ପ୍ରକ୍ରିୟାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଛି। ଏଥିସହିତ, ବର୍ତମାନ ଯୋଗ୍ୟ ଘରବାରିହୀନ ହିତାଧିକାରୀଙ୍କ ନିମନ୍ତେ ବାର୍ଷିକ ପରିବାର ଆୟ ସୀମା ୧ ଲକ୍ଷ ଟଙ୍କା ରହିଥିବା ବେଳେ ଉକ୍ତ ଆୟ ସୀମାର ପୁନଃନିର୍ଦ୍ଧାରଣ ଆବଶ୍ୟକତା ଉପରେ ମଧ୍ୟ ବିଚାର କରାଯାଉଛି । ଘରବାରିହୀନ ପରିବାରଗୁଡ଼ିକୁ ସମ୍ମାନଜନକ ଜୀବନଯାପନର ସୁଯୋଗ ଦେବା ସହିତ ସେମାନଙ୍କ ନିଜସ୍ୱ ଘର ନିର୍ମାଣର ସ୍ୱପ୍ନକୁ ସାକାର କରିବା ଦିଗରେ ବସୁନ୍ଧରା ଯୋଜନା ରାଜ୍ୟସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ଅବଶିଷ୍ଟ ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଜମି ଯୋଗାଇଦେବା ଏବଂ ଜିଲ୍ଲାସ୍ତରରେ ରହିଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

# କଟକ ସହରର ନଗରୀୟ ଭିତିଭୂମିକୁ ସୁଦୃଢ଼ କର

**କଟକ,୨୦।୯ (ମହାଭାରତ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ.)ର ୧୪୪ତମ କର୍ତ୍ତୃପକ୍ଷ ବୈଠକ କେ.ଡି.ଏ. ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା କେ.ଡି.ଏ. ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କର, କେଡିଏ ଉପାଧ୍ୟକ୍ଷା କିରଣଦୀପ କୌର ସହୋତା, କେ.ଡି.ଏ. ସଚିବ ଶ୍ରୀ ଜନକ କୁମାର ନାୟକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

କଟକ ସହରର ନଗରୀୟ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକ ସୁବିଧାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପଦକ୍ଷେପ ସମୀକ୍ଷା ଓ ଅନୁମୋଦନ କରାଯାଇଥିଲା। ସୁଚିନ୍ତିତ ଓ ସମନ୍ୱିତ ନଗରୀୟ ବିକାଶ ଉପରେ ଗୁରୁତ୍ୱ ଦେଇ ସେକ୍ଟର-୧୫ର ବିକାଶ କାର୍ଯ୍ୟକୁ



କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। ଏଥିସହ ସାମାଜିକ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସ୍କୁଲ, ହସ୍ପିଟାଲ ଓ କମ୍ୟୁନିଟି ହଲ୍ ନିର୍ମାଣ ଓ ବିକାଶ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମାଜର ସମସ୍ତ ବର୍ଗଙ୍କ ପାଇଁ ସୁରକ୍ଷିତ, ଗୁଣାତ୍ମକ ଓ ସୁଲଭ ଗୃହ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଚଣ୍ଡୀପ୍ରସାଦ ଟାଉନ୍ ପ୍ଲାନିଂ ସ୍କିମ୍ ?ର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଚାଲୁଥିବା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମନ୍ତ୍ରୀ କହିଛନ୍ତି ଯେ, 'ଆଜି କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୧୪୪ତମ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଟକ ସହରର ବିକାଶ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରାଯିବା ସହ କିଛି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏଥିସହ ଟାଉନ୍ ପ୍ଲାନିଂ ସ୍କିମ୍, ମହାନଦୀ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଏବଂ ବିଭିନ୍ନ ସଡ଼କ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଛି ।କଟକ ସହରର ଆବଶ୍ୟକତାକୁ ଦୃଷ୍ଟିରେ ରଖି କପଡ଼ା ମଣ୍ଡି ପ୍ରତିଷ୍ଠା କରିବାକୁ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି। ଏଥିସହ ସହରର ଟ୍ରାଫିକ୍ ଭିଡ଼ ଓ ଯାତାୟାତ ସମସ୍ୟା ହ୍ରାସ କରିବା ପାଇଁ ଏକ ସମନ୍ୱିତ ସିଟି ଡିକନଜେସନ୍ ପ୍ଲାନ୍ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଯିବ।' ସହରର ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସର ପୁନର୍ବିକାଶକୁ ମଧ୍ୟ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି।

# ରାଇସ୍ ଓ ମିଲେଟ୍ କାରଖାନା ସ୍ଥାପନ ନେଇ ସମୀକ୍ଷା

**ଭୁବନେଶ୍ୱର,୨୦।୯ (ମହାଭାରତ):** ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ 'ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା' ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ), ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-



ତଥା-ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ୩,୮୪୫ ବର୍ଗ ମିଟର ପରିମିତ ଅଂଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଖକ୍କଙ୍ଗ-ଏଓ), ଉଚ୍ଚ ପ୍ରୋଟିନ୍ ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତା ପରୀକ୍ଷା କରାଯାଇଛି। ବିଶେଷ କରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଚାଉଳ, କଳାଜିରା ଧାନ ଏବଂ ରପ୍ତାନି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ (ଈକ୍ଷବମଳ ଜସମର) ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି। କେବଳ ଚାଉଳ ପ୍ରସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଓଜଜଓ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଏବଂ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରି କରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରୟ ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତିଭୂମି ଓ କମ୍ୟୁନିଟି ଭାଗୀଦାରିର ଏହି ମିଳିତ ପ୍ରଚେଷ୍ଟା ଓଡ଼ିଶାର କୃଷି ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀ ଓ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।

# ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ ଉତ୍କଳା

**ଭୁବନେଶ୍ୱର,୨୦।୯ (ମହାଭାରତ):** ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ "ଉତ୍କଳା : ଶ୍ରୀ ଗଣେଶ"ର ଶୁଭାରମ୍ଭ ହୋଇଛି। ଏହି ପ୍ରଦର୍ଶନୀ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଦର୍ଶନୀରେ ୧୬ଟି ଜିଲ୍ଲାର ୩୪ ଜଣ ହସ୍ତଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ୩୩ଟି ଷ୍ଟଲ୍ ସ୍ଥାପନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଭାଗର କମିଶନର-ତଥା-ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାରଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। "ଉତ୍କଳା" ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପର ପରମ୍ପରାକୁ ଏକ ନୂତନ ପରିଚୟ ପ୍ରଦାନ କରିବାର ଏକ ପ୍ରୟାସ। ଏହା ଆମ ରାଜ୍ୟର ଦକ୍ଷ ହସ୍ତଶିଳ୍ପୀମାନଙ୍କ ସୃଜନଶୀଳତା, ପାରମ୍ପରିକ ଜ୍ଞାନ ଓ ଅନନ୍ୟ କାରିଗରୀକୁ ଲୋକମାନଙ୍କ ନିକଟତର କରିବା ପାଇଁ ଏକ ଶକ୍ତିଶାଳୀ ମଂଚ। "ଉତ୍କଳା" ବ୍ରାଣ୍ଡ ଅଧୀନରେ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ମେଳା ଓ ପ୍ରଦର୍ଶନୀ ମାଧ୍ୟମରେ ରାଜ୍ୟ ସରକାର ହସ୍ତଶିଳ୍ପୀମାନଙ୍କୁ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିବା ସହ ସେମାନଙ୍କ ଉତ୍ପାଦ ପାଇଁ ବ୍ୟାପକ ବଜାର ସୃଷ୍ଟି କରୁଛନ୍ତି। ଏହା ହସ୍ତଶିଳ୍ପୀମାନଙ୍କ ଆୟ ବୃଦ୍ଧି କରିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବାରେ ସହାୟକ ହେଉଛି। "ଉତ୍କଳା"ର ମୂଳ ଚିନ୍ତାଧାରା ହେଉଛି "ସ୍ଥାନୀୟ ଉତ୍ପାଦକୁ ଆପଣାନ୍ତୁ ଏବଂ ସ୍ଥାନୀୟ ହସ୍ତଶିଳ୍ପୀଙ୍କୁ ସମର୍ଥନ କରନ୍ତୁ।" ଯେତେବେଳେ ଆମେ ଓଡ଼ିଶାର ହସ୍ତଶିଳ୍ପ ସାମଗ୍ରୀ କିଣୁ, ସେତେବେଳେ ଆମେ କେବଳ ଏକ ଉତ୍ପାଦ କିଣୁନାହୁଁ—ଆମେ ଜଣେ ହସ୍ତଶିଳ୍ପୀଙ୍କ କଠିନ ପରିଶ୍ରମକୁ ସମ୍ମାନ ଦେଉଛୁ, ତାଙ୍କ ପରିବାରର ଜୀବିକାକୁ ସମର୍ଥନ କରୁଛୁ ଏବଂ ଆମ ରାଜ୍ୟର ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖୁଛୁ। "ଉତ୍କଳା"ର ଦର୍ଶନ "ଭୋକାଲ୍ ଫର୍ ଲୋକାଲ୍" ଓ "ଆତ୍ମନିର୍ଭର ଭାରତ"ର ଲକ୍ଷ୍ୟ ସହ ସମନ୍ୱିତ। "ଉତ୍କଳା" ବ୍ରାଣ୍ଡ ଅଧୀନରେ ଏହି ପ୍ରଦର୍ଶନୀର ଥିମ୍ ହେଉଛି "ଶ୍ରୀ ଗଣେଶ"। ମାଟି, କାଠ, ପଥର, ଟେରାକୋଟା, ଧାନ, ନଡ଼ିଆ କତା, ପିତଳ ଓ କଂସା ଭଳି ବିଭିନ୍ନ ସାମଗ୍ରୀରେ ନିର୍ମିତ ଗଣେଶ ମୂର୍ତି, ପଟ୍ଟଚିତ୍ର ଓ ଗଣେଶ କଳାକୃତି ସହିତ ତାଳପତ୍ର ଉପରେ ନିର୍ମିତ ଗଣେଶ କଳାକୃତିକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରାଯାଇଛି।

# ଆଇଆଇଟି ଅଧ୍ୟାପକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

**ଭୁବନେଶ୍ୱର,୨୦।୯ (ମହାଭାରତ):** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ଭୁବନେଶ୍ୱରର ଖଣିଜ, ଧାତୁ ଏବଂ ସାମଗ୍ରୀ ଇଞ୍ଜିନିୟରିଂ ସ୍କୁଲର ସହଯୋଗୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ ଗୋଲ୍ଲାପୁଡିଙ୍କୁ ଶିକ୍ଷକ ଦିବସ ଅବସରରେ ନୂଆଦିଲ୍ଲୀରେ ଏକ ସମାରୋହରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଛି। ସେ ଏହି ପୁରସ୍କାର ପାଇଁ ମନୋନୀତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବଂ ପଲିଟେକ୍ନିକ୍ ବିଭାଗର ୨୧ ଜଣ ଶିକ୍ଷକଙ୍କ ମଧ୍ୟରେ ଶ୍ରୀ ଗୋଲ୍ଲାପୁଡି ଅନ୍ୟତମ। ଡକ୍ଟର ଶ୍ରୀକାନ୍ତଙ୍କୁ ଧାତୁ ବିଜ୍ଞାନ ଏବଂ ବସ୍ତୁ ବିଜ୍ଞାନ କ୍ଷେତ୍ରରେ 'ଶିକ୍ଷଣ ଦକ୍ଷତା ଏବଂ ସାମାଜିକ ପ୍ରାସଙ୍ଗିକ ଗବେଷଣା' ପାଇଁ ଏହି ପୁରସ୍କାର ମିଳିଛି। ସେ ଛାତ୍ରମାନଙ୍କର ଧାରଣାଗତ ଜ୍ଞାନ, ବାସ୍ତବ ଜୀବନରେ ପ୍ରୟୋଗ ଏବଂ ଅଭିଜ୍ଞତାମୂଳକ ଶିକ୍ଷା ଉପରେ ଧ୍ୟାନ ଦେଇ ଶିକ୍ଷାକୁ ସୁଦୃଢ଼ କ ରିବାକୁ ଚେଷ୍ଟା କରନ୍ତି। ତାଙ୍କର ଗବେଷଣା କାର୍ଯ୍ୟ ସୁଲଭ ଚିକିତ୍ସା ପ୍ରତିରୋପଣ ଏବଂ ଶଲ୍ୟଚିକିତ୍ସା ଉପକରଣ, ଜୀବନର ଶେଷ ସୌର କୋଷ ପାଇଁ ପୁନଃଚକ୍ରଣ ସମାଧାନ ଏବଂ ଗତିଶୀଳତା ପ୍ରୟୋଗ ପାଇଁ ହାଲୁକା କମ୍ପୋଜିଟ୍ ଉପରେ ବିସ୍ତାର କରିଛି। ଏନଆଇଟି ରାଉରକେଲା ଏବଂ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନର ପୂର୍ବତନ ଛାତ୍ର, ଡକ୍ଟର ଶ୍ରୀକାନ୍ତ ଆମେରିକାର ଉତର କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିରୁ ସାମଗ୍ରୀ ବିଜ୍ଞାନ ଏବଂ ଇଞ୍ଜିନିୟରିଂରେ ପିଏଚଡି ହାସଲ କରିଛନ୍ତି। ଆଇଆଇଟି ଭୁବନେଶ୍ୱରରେ ଯୋଗଦେବା ପୂର୍ବରୁ, ସେ ପ୍ରତିରକ୍ଷା ଧାତୁ ଗବେଷଣା ପ୍ରୟୋଗଶାଳା, ହାଇଦ୍ରାବାଦ, ଏମଆଇଟି (ଯୁକ୍ତରାଷ୍ଟ୍ର ଆମେରିକା) ଏବଂ ସେଣ୍ଟ-ଗୋବେନ୍ ରିସର୍ଚ୍ଚ ଇଣ୍ଡିଆ ସହିତ କାର୍ଯ୍ୟ କରିଥିଲେ। ଆଇଆଇଟି ଭୁବନେଶ୍ୱରରେ, ତାଙ୍କର ଗବେଷଣା ପ୍ରତିରକ୍ଷା, ଗତିଶୀଳତା ଏବଂ ଜୈବ ଚିକିତ୍ସା ପ୍ରୟୋଗ ପାଇଁ ଉନ୍ନତ ସାମଗ୍ରୀର ପ୍ରକ୍ରିୟାକରଣ ଏବଂ ଚରିତ୍ରୀକରଣ ଉପରେ କେନ୍ଦ୍ରିତ, ଏବଂ ଡିଆରଡିଓ ଏବଂ ଖଣି ମନ୍ତ୍ରଣାଳୟର ଜାତୀୟ ଗୁରୁତ୍ୱର ଗବେଷଣା ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ। ଡକ୍ଟର ଶ୍ରୀକାନ୍ତ କହିଛନ୍ତି, 'ଜାତୀୟ ଶିକ୍ଷକ ପୁରସ୍କାର ପାଇ ମୁଁ ଗଭୀର ଭାବରେ ସମ୍ମାନିତ ଅନୁଭବ କରୁଛି। ମୋର ଛାତ୍ର, ସହକର୍ମୀ, ମାର୍ଗଦର୍ଶକ ଏବଂ ଆଇଆଇଟି ଭୁବନେଶ୍ୱରର ନେତୃତ୍ୱଙ୍କ ପ୍ରତି ସେମାନଙ୍କର ନିରନ୍ତର ସହଯୋଗ ପାଇଁ ମୁଁ କୃତଜ୍ଞ। ମୁଁ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ଶିକ୍ଷଣ-ଶିକ୍ଷା ସଂସ୍କାରକୁ ମଧ୍ୟ ସ୍ୱୀକୃତି ଦେବାକୁ ଚାହେଁ, ଯାହା ଅଭିନବ ଏବଂ ଛାତ୍ରକୈନ୍ଦ୍ରିକ ଶିକ୍ଷାଦାନ ପଦ୍ଧତି ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରୁଛି।

# କିଟ୍‌ରେ ଇଂଲିଶ ଆକ୍‌ସେସ୍ ସ୍କଲରାସିପ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୯ (ମହାଭାରତ):** ଆମେରିକାର ହାଇଦ୍ରାବାଦସ୍ଥିତ କନସୁଲେଟ୍ ଜେନେରାଲ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ କିଟ୍‌ରେ ପଢୁଥିବା ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବା (ଷ୍ଟେମ୍) ଛାତ୍ରଛାତ୍ରୀଙ୍କ ପାଇଁ ଇଂଲିଶ ଆକ୍‌ସେସ୍ ସ୍କଲରାସିପ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆମେରିକା ମିଶନ୍ ଇଣ୍ଡିଆର ରିଜିଓନାଲ୍ ଇଂଲିଶ ଲାଙ୍ଗୁଏଜ ଅଫିସ୍ (ରେଲୋ) ସହଯୋଗରେ ଏହି କାର୍ଯ୍ୟକ୍ରମ ବୁଧବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଇଦ୍ରାବାଦସ୍ଥିତ ଆମେରିକୀୟ କନସୁଲେଟ୍‌ର କନସୁଲ୍ ଜେନେରାଲ୍ ଲାରା ୱିଲିୟମ୍ସଙ୍କ ସମେତ କନସୁଲେଟ୍‌ର ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଏହା ଏକ ଏକବର୍ଷିଆ ସ୍କଲାରସିପ୍ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବିଷୟ ଅଧ୍ୟୟନରତ



ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି। ଗବେଷଣା ଓ ଏକାଡେମିକ୍ ଯୋଗାଯୋଗ କ୍ଷେତ୍ରରେ ଆମେରିକୀୟ ମାନଦଣ୍ଡ ସଂପର୍କରେ ଛାତ୍ରଛାତ୍ରୀଙ୍କ ବୁଝାମଣାକୁ ମଜଭୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ। ଆମେରିକା ଓ ଭାରତ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ଦିଗରେ ଏହି ପଦକ୍ଷେପ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଚ୍ଚଶିକ୍ଷା, ଗବେଷଣା ଓ ବୃତିଗତ କ୍ଷେତ୍ରରେ ସଫଳତା ହାସଲ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ବିଶ୍ୱସ୍ତରୀୟ ଅଭିଜ୍ଞତା ଓ ଏକ୍ସପୋଜ ପ୍ରଦାନ କରିବ।

ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଆମେରିକା କନସୁଲେଟ୍ ଜେନେରାଲ୍ ଏବଂ ରେଲୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଲେ, ଏହି କାର୍ଯ୍ୟକ୍ରମ ଷ୍ଟେମ୍ ବିଷୟର ଛାତ୍ରଛାତ୍ରୀଙ୍କୁ ନିଜର ଯୋଗାଯୋଗ ଓ ଗବେଷଣା ଦକ୍ଷତାକୁ ଆମେରିକୀୟ ମାନଦଣ୍ଡ ସହିତ ସମନ୍ୱିତ କରିବାରେ ସହାୟତା କରିବ। କିଟ୍ ଛାତ୍ରଛାତ୍ରୀଙ୍କୁ ଏଭଳି ସୁଯୋଗ ମିଳିବା ନିଶ୍ଚିତ ଗୌରବର ବିଷୟ। ଏଭଳି ସୁଯୋଗ ସେମାନଙ୍କୁ ବିଶ୍ୱସ୍ତରରେ ଶିକ୍ଷାଲାଭ, ଯୋଗାଯୋଗ ଓ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତିଗତ ସଂରକ୍ଷଣକୁ ବିରୋଧ

ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ କେତେକ ନେତା ବିରୋଧ କରି ଆସୁଛନ୍ତି ଏବଂ ସେମାନଙ୍କ ମତରେ ଜାତି ନୁହେଁ, ଆର୍ଥିକ ସ୍ଥିତିକୁ ଦେଖି ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଉଚିତ। ଏହା ଦ୍ୱାରା ଉଚ୍ଚ ବର୍ଗର ଗରିବ ପିଲାଟିଏ ସଂରକ୍ଷଣ ସିଡ଼ି ଚଢ଼ି ଉପରକୁ ଯାଇପାରିବ। ଏଥିଲାଗି କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଭୟ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ୫ଜଣିଆ ଖଣ୍ଡପୀଠ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ତତ୍କାଳୀନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ୟୁ ୟୁ ଲଳିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସଟି/ଏସସି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ୍ୟ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୮୦ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାଁନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବର୍ତ୍ତେ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଳାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି ବା ସରକାରୀ ଚାକିରୀ ଖଣ୍ଡେ ପାଇପାରୁନାହାଁନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରିବାର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ଥିକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ। ଆଜି କେନ୍ଦ୍ର ସରକାର ଅସଂରକ୍ଷିତ ବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରି ସେମାନଙ୍କ ପାଇଁ କିଛିଟା ଆଶାର ସଞ୍ଚାର କରିଛନ୍ତି ସତ, ମାତ୍ର ଏହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା। କାରଣ ବାସ୍ତବରେ ଗରିବ କିଏ ଏବଂ ସେମାନଙ୍କୁ କିଏ ଚିହ୍ନଟ କରିବ, କେଉଁ ମାନଦଣ୍ଡରେ ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବୋଲି କୁହାଯିବେ ତାହା ଏକ ଅସମାହିତ ପ୍ରଶ୍ନ। ଏଥିନେଇ ଦୀର୍ଘ ଦିନ ହେବ ବିବାଦ ଚାଲିଛି।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ


॥ ଡକ୍ଟର ରାଜକିଶୋର ମିଶ୍ର ॥


> ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସବ୍ରଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସୃଷ୍ଟ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ି ଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା। ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା। ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ। ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା। ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ।


ଉଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,

ଦୂରଭାଷ : ୭୦୦୮୧୮୧୮୨୦


# ଜୀବନ ହିଁ ରାମାୟଣ


॥ ଅନୀତା ପଟ୍ଟନାୟକ ॥


ଖରା ଛୁଟି ହୋଇଥାଏ। ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି। ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ। ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ। ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ। ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ। ରେଳଯାତ୍ରା ଆରମ୍ଭ ହେଲା। ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ। ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ। ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ। ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ। ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ। ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ। ସଚେତନତାରୁ ଚିତ୍ତ ଆସେ। ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ। ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ। ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ। ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ। ଶରୀର ଏକ ମାଧମ। ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ। ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ। ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି। ଜୀବନ ପାଇଁ ନୁହେଁ। ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧରେ ଅଛନ୍ତି, ଆମେ ହିଁ ରାମ। ଜୀବନ (ପ୍ରାଣ) ସୁଶୁମ୍ନା ନାଡ଼ିରେ ରହିଛି। ଜୀବନ ହୃଦୟରେ ନାହିଁ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି। ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ। ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ। ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ। ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି। ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି। ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା। ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ। ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ। ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ। ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ। ବାପା କହିଲେ ନିଶ୍ଚୟ। ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି। ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ। ଶିବ ହେଉଛନ୍ତି ମଙ୍ଗଳମୟ। ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ। ମୋ ମା କହିଲେ ଆଜ୍ଞା ହଁ। ସୀତା ପୃଥିବୀଙ୍କ ଝିଅ। ଆମେ ପୃଥିବୀ ଉପରେ ନିର୍ଭରଶୀଳ। ଆମେ ଭୂଦେବୀ ନିକଟରେ ଶରଣାଗତ। ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ। ମା କହିଲେ ସେ ବିଦେହର ରାଜକନ୍ୟା। ଜନକଙ୍କର ଅନ୍ୟ ନାମ ବିଦେହ। ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ। ମନ, ଏହାର ଶରୀର ନାହିଁ। ଏହା ସର୍ବତ୍ର ବୁଲୁଥାଏ। ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି। ମନର ଝିଅ ବ୍ରହ୍ମଜ୍ଞାନ। ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା। ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ। ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ। ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ। ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ। ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ। ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ। ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ। ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ। ମା କହିଲେ ସୀତା ଜ୍ଞାନର ପ୍ରତୀକ। ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ। ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ। ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ। ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା। ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ। ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ। ମା କହିଲେ, ସୀତା ମୁକ୍ତ ହୋଇ ଆଧାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ। ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ। ଝିଅ ତୁ ମନେରଖ – ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ। ଆଧାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ। ରାମ ଧର୍ମର ପ୍ରତୀକ। ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ)। ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ।


**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**

**ଦୂରଭାଷ : ୯୬୯୨୯୮୦୦୨୬**


# ବିଭେଦର କାରଣ ଓ ନିରାକରଣ


॥ ଅଜୟ କୁମାର ବେହେରା ॥


ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ। ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ। ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ। ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ। ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ। ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ। ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି। ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି। ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି। ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ। ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି। ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ। ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି। ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି। ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି। ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା। ମାତ୍ର ଖାଲି ବିଭେଦ। ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି। ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି। ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି। ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ। ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ। ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋସ୍ନା ରାତ୍ରୀରେ ସବୁ ଭୂମିରେ ବିଚ୍ଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି। ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର। ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ। ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି। ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈରତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି। ରୁଦ୍ର ଈଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ। ଈଶାନର ମାଲିକ ଗ୍ରହ ମଧରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା। ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି। ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି। ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ। ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି। ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ। ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ। ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ। ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





# ଦଳୀୟ କାର୍ଯ୍ୟକ୍ରମ ଆଳରେ ବିଧାୟିକାଙ୍କ ବିରୋଧରେ ଗୁପ୍ତ ବୈଠକ !



ବ୍ରହ୍ମଗିରି, (ମହାଭାରତ): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ୨୮ନମ୍ବର ଜୋନର ବିଜେପିର ମଣ୍ଡଳ ସଭାପତି ମନୋଜ କୁମାର ପରିଡ଼ା ଙ୍କ ସମେତ ବିଜେପିର କିଛି ବରିଷ୍ଠ ନେତା ଏବେ ବିଧାୟିକାଙ୍କ ବିରୁଦ୍ଧରେ କରୁଛନ୍ତି ଗୁପ୍ତ ବୈଠକ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ପାଳନ ପାଇଁ ସନ୍ଧ୍ୟାରେ ଅଲାରନାଥଙ୍କ ପୀଠରେ ବିଜେପିର ଦୀପ ଦାନ ର କାର୍ଯ୍ୟକ୍ରମ ଥିଲା । ମାତ୍ର ବିଜେପିର ଦଳୀୟ କାର୍ଯ୍ୟକ୍ରମ ଆଳରେ ମୋଦୀଙ୍କ ଜନ୍ମଦିନ ପାଳନ କରିବା କହି ମଣ୍ଡଳ ସଭାପତି ଓ କିଛି ଛାମୁଆ ନେତା ମିଶି ୨୦୦ରୁ ଉର୍ଦ୍ଧ କର୍ମୀଙ୍କୁ ଏକାଠି କରି ଏକ ସ୍ୱତନ୍ତ୍ର ସ୍ଥାନରେ ମୋଦୀଙ୍କ ଦୀର୍ଘାୟୁ କାମନା କରି କରିଥିଲେ ଦୀପ ଦାନ ଓ ତାସହିତ ବିଧାୟିକା ଉପାସନା ଙ୍କ ବିରୁଦ୍ଧରେ କରିଥିଲେ ଗୁପ୍ତ ବୈଠକ। କିଛି ନେତାଙ୍କୁ ମିଛ କହି ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରିଥିବା ମଧ୍ୟ ଶୁଣିବାକୁ ମିଳିଛି। ସୂଚନା ଅନୁସାରେ ବ୍ରହ୍ମଗିରି ବିଧାନସଭା ନିର୍ବାଚନୀ ମଣ୍ଡଳୀ ଓଡ଼ିଶା ବିଧାନସଭାର ଚର୍ଚ୍ଚିତ ବିଧାନସଭା ନିର୍ବାଚନୀ ମଣ୍ଡଳୀ ଅଟେ।

ଦିବଂଗତ କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ର ଙ୍କ ଠାରୁ ସଞ୍ଜୟ କୁମାର ଦାସ ବର୍ମାଙ୍କ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ ନେତା ଉକ୍ତ ନିର୍ବାଚନ ମଣ୍ଡଳୀରୁ ଆସି ରାଜ୍ୟରେ ବେଶ ଜଣା ଶୁଣା। ଲୁଲୁ ମହାପାତ୍ରଙ୍କ ଦେହାନ୍ତ ପରେ ତାଙ୍କ ପରିବାର ୨୦୧୯ ବିଧାନ ନିର୍ବାଚନ ପୂର୍ବରୁ ବିଧିବଧ ଭାବରେ ବିଜେପି ରେ ସାମିଲ ହୋଇଥିଲେ । କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ର ଙ୍କୁ ହରାଇ ରାଜନୀତିରେ ପାୱାର ଫୁଲ ବନିଥିବା ସଞ୍ଜୟ ଙ୍କୁ ହରାଇବାକୁ ଲୁଲୁଙ୍କ ଝିଅ ଉପାସନା ମହାପାତ୍ର ଏବଂ ଲୁଲୁଙ୍କ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସେସମୟର ବିଜେଡି ସରକାର ବିରୁଦ୍ଧରେ ତଥା ସଞ୍ଜୟ ଦାବର୍ମାଙ୍କ ବିରୁଦ୍ଧରେ ଜୋରଦାର ଲଢ଼ାଇ କରିଥିଲେ। ଲୁଲୁଙ୍କ ଲୋକପ୍ରିୟତା ସହିତ ଲଳିତେନ୍ଦୁ,ଉପାସନା ଙ୍କ ଦିନ ରାତି ପରିଶ୍ରମ ଶେଷରେ ସଞ୍ଜୟଙ୍କ ଗର୍ବ ଅହଙ୍କାର କୁ ଚୁରମାର କରି ବ୍ରହ୍ମଗିରିରେ ଗେରୁଆ ପତାକା ଉଡେଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବିଜୟୀ ହୋଇ ବିଧାୟକ ହୋଇଥିଲେ। ସେବେଠାରୁ ଉପାସନା ଙ୍କ ଦାୟିତ୍ୱ ବଢ଼ି ଥିଲା ନିଜ ନିର୍ବାଚନ ମଣ୍ଡଳୀରେ। ଉପାସନା ଙ୍କ ଆଗରେ ସଞ୍ଜୟଙ୍କ ଲୋକପ୍ରିୟତା ଧିରେ ଧିରେ କମିବାକୁ ଲାଗିଲା। ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ ହାରିଯିବା ଭୟର ଆଶଙ୍କା କରି ରାଜନୀତିରେ ବେଶ୍ ପାୱାରଫୁଲ ସଞ୍ଜୟ ବ୍ରହ୍ମଗିରି ଛାଡ଼ି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିଲେ । ବର୍ତ୍ତମାନର ପୁରୀ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଙ୍କୁ ନିଜ ନିର୍ବାଚନ ମଣ୍ଡଳୀ ବ୍ରହ୍ମଗିରିର ପ୍ରାର୍ଥୀ କରିଥିଲେ। ତଥାପି ଉମାଙ୍କ ଶକ୍ତି ଉପାସନା ଙ୍କ ଶକ୍ତି ଆଗରେ ଫେଲ ମାରିଥିଲା। ତାପରେ ଉପାସନା ହୋଇଥିଲେ ଓଡ଼ିଶାର ସର୍ବକନିଷ୍ଠା ବିଧାୟିକା । ରାଜନୀତିରେ ଲମ୍ବା ଭବିଷ୍ୟତ ର ଆଶା ରଖିଥିବା ଉପାସନା ଯୁବ ଗୋଷ୍ଠୀଙ୍କୁ ନେଇ ଆଗକୁ ବଢ଼ିବାକୁ ଲାଗିଲେ । ଯାହା କୁ ଦେଖି କିଛି ବରିଷ୍ଠ ନେତା ବିରୋଧ କରୁଥିବାର ଦେଖିବାକୁ ମିଳିଛି। ବରିଷ୍ଠ ନେତା ମାନଙ୍କ କହିବା ଅନୁସାରେ ବିଧାୟିକା ବରିଷ୍ଠ ଙ୍କୁ ଉପେକ୍ଷା କରୁଛନ୍ତି ।ମାତ୍ର ଅନ୍ୟପଟେ କିଛି ବିଜେପିର ଯୁବ ନେତାଙ୍କ କହିବା ଅନୁସାରେ ଦୁଇ , ତିନିଥର ସରପଞ୍ଚ,ସମିତି ସଭ୍ୟ ହୋଇସାରିଥିଲେ ମଧ୍ୟ ପୁଣି ଥରେ କ୍ଷମତା ପାଇବା ପାଇଁ କିଛି ନେତା ଏବେ ଦିନ ରାତି ଓଡ଼ିଶାର ସର୍ବ କନିଷ୍ଠା ବିଧାୟିକା ଉପାସନାଙ୍କ ବିରୋଧରେ ଗୁପ୍ତ ବୈଠକ କରୁଛନ୍ତି। ବାରମ୍ବାର କ୍ଷମତା ପାଇ ଆସୁଥିବା ଏଭଳି ଲୋଭି ନେତାଙ୍କ ସ୍ୱପ୍ନ କେବେ ପୁରଣ ହେବନି ଏବଂ ଦଳ ତାଙ୍କ ବିରୁଦ୍ଧରେ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଯୁବ ନେତାମାନେ କହିଛନ୍ତି ।ଦେଖାଯାଉ ଦଳ ବିରୋଧୀ କାର୍ଯ୍ୟ କରୁଥିବା ନେତା ମାନଙ୍କ ପ୍ରତି ବିଜେପି କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଅପେକ୍ଷାର ବିଷୟ ପାଲଟିଛି।

## ଦୀର୍ଘାୟୁ କାମନା ଉଦ୍ଦେଶ୍ୟରେ ଦୀପଦାନ



ବ୍ରହ୍ମଗିରି, (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମବାର୍ଷିକ ଅବସରରେ ବ୍ରହ୍ମଗିରି ଭାଜପା ତରଫରୁ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ପ୍ରଧାମନ୍ତ୍ରୀଙ୍କର ଦୀର୍ଘାୟୁ କାମନା କରି ଦୀପ ଦାନ କଲା ବ୍ରହ୍ମଗିରି ବିଜେପି। ବ୍ରହ୍ମଗିରି ୨୮ନମ୍ବର ଜୋନର ମଣ୍ଡଳ ସଭାପତି ମନୋଜ ପରିଡ଼ାଙ୍କ ନେତୃତ୍ୱରେ ନିଆଳପୁର ପଞ୍ଚାୟତ ମା ବସନ୍ତାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଦୀପ ଦାନ ସହିତ ବୃକ୍ଷ ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜେପି ର ବରିଷ୍ଠ ନେତା ସୁରଥ ଦଳାଇ,ଭଗବାନ ପ୍ରଧାନ,କେଦାରନାଥ ବରାଳ,ଲଳିତ କିଶୋର ମହାପାତ୍ରଙ୍କ ସମେତ ୨୦୦ ରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ। ଅନ୍ୟପଟେ ବ୍ରହ୍ମଗିରିର ଆରାଧ୍ୟ ଦେବତା ଅଲାରନାଥଙ୍କ ପୀଠରେ ବରିଷ୍ଠ ବିଜେପି ନେତା ପ୍ରସନ୍ନ କୁମାର ପଲାଇ ଙ୍କ ନେତୃତ୍ୱରେ ପ୍ରଧାମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପ ଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ପ୍ରସନ୍ନ ବରାଳ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଧିକାରୀ ନାୟକ, ଗିତାରାଣୀ ସାହୁଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

## ଜଙ୍ଗଲରୁ ୧୦୭୫ କେଜି ଗଞ୍ଜେଇ ଜବତ

ମୋହନା, (ମହାଭାରତ): ଗଜପତି ଜିଲ୍ଲାରେ ଗଞ୍ଜେଇ ଚୋରା ଚାଲାଣ ବିରୋଧୀ ଅଭିଯାନ ଜାରି ରହିଥିବା ବେଳେ ଅଡବା ଥାନା ପୋଲିସ ପୁଣି ଏକ ବଡ଼ ସଫଳତା ହାସଲ କରିଛି। ଗୁଲୁବା ଗ୍ରାମପଞ୍ଚାୟତ ଅଧୀନ ଗାଲିମେରା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ପୋଲିସ ୪୩ଟି ପ୍ଲାଷ୍ଟିକ ଜେରି ବ୍ୟାଗରେ ରଖାଯାଇଥିବା ୧,୦୭୫ କେଜି ଗଞ୍ଜେଇ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ୧୯ ସେପ୍ଟେମ୍ବରରେ ଅଡବା ଥାନା ପୋଲିସ ରାସପେଟ, ଗାଲିମେରା ଓ ସଂଲଗ୍ନ ଅଞ୍ଚଳରେ ପେଟ୍ରୋଲିଂ ଏବଂ ଗଞ୍ଜେଇ ଚଢ଼ାଉ ଅଭିଯାନ କରୁଥିବା ବେଳେ ଜଙ୍ଗଲ ମଧ୍ୟରେ ସନ୍ଦେହଜନକ ଭାବେ ପଡ଼ିଥିବା ୪୩ଟି ଜେରି ବ୍ୟାଗ ଠାବ କରିଥିଲେ। ପରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯିବା ସହ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ଘଟଣାସ୍ଥଳକୁ ଡକାଯାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ବ୍ୟାଗଗୁଡ଼ିକ ଖୋଲାଯାଇ ଯାଞ୍ଚ କରାଯାଇଥିଲା। ସେଥିରେ ଗଞ୍ଜେଇ ଥିବା ସ୍ପଷ୍ଟ ହେବା ପରେ ପ୍ରତ୍ୟେକ ବ୍ୟାଗକୁ ପୃଥକ ଭାବେ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ନିଟ୍ ଓଜନ ୧,୦୭୫ କେଜି ଥିବା ବେଳେ ବ୍ୟାଗ ସହ ମୋଟ ଓଜନ ୧,୦୭୯ କେଜି ୩୦୦ ଗ୍ରାମ ରହିଥିଲା। ପୋଲିସ ପକ୍ଷରୁ ଗଞ୍ଜେଇକୁ ଜବତ କରି ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ସିଲ୍ ଓ ସିଜ୍ କରାଯାଇଛି। ଏହି ଘଟଣାରେ ଅଡବା ଥାନା କେସ୍ ନଂ-୧୯୪/୨୦୨୬, ଧାରା ୨୦(ବି)(ସସ)(ଉ) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଏହି ଗଞ୍ଜେଇ ଚୋରା ଚାଲାଣ ଉଦ୍ଦେଶ୍ୟରେ ଜଙ୍ଗଲରେ ଗଚ୍ଛିତ ରଖାଯାଇଥିବା ସନ୍ଦେହ କରାଯାଉଛି। ତେବେ ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତ ଧରାପଡ଼ି ନଥିବା ବେଳେ ଗଞ୍ଜେଇ ରଖିଥିବା ଓ ପରିବହନରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

## ରେଢ଼ାଖୋଲ ରେ ନିଆରା ପରମ୍ପରା ନୂଆଁମୁଣ୍ଡା ପୂଜା

ରେଢ଼ାଖୋଲ, (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗଡ଼ଜାତ ଅଞ୍ଚଳର ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ଆରାଧ୍ୟ ଦେବୀ ମାଁ ଅନ୍ଧାର ବାଉତି ଙ୍କ ନୂଆଁମୁଣ୍ଡା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦ୍ୱାର ଦେଶ ରେଢ଼ାଖୋଲ ସହରରେ ଗଡ଼ଜାତ ରାଜ ପରମ୍ପରା ରାଜୁଡ଼ି ସମୟରୁ ପ୍ରଭୁ ପଞ୍ଚଖଣ୍ଡା ଓ ମାଁ ଅନ୍ଧାର ବାଉତୀଙ୍କ ନୂଆଁମୁଣ୍ଡା ପୂଜା ଉତ୍ସବ ପାଳନରେ ଏକ ନିଆରା ପରମ୍ପରା ରହିଆସିଛି। ରାଜ ବଂଶୀୟ ପରମ୍ପରା ଅନୁଯାୟୀ ପାର୍ବଣ ମାସ ଆରମ୍ଭ ହେବା ପରେ ଭାଦ୍ରବ ମାସରେ ଅଗ୍ରପୂଜ୍ୟ ବିଘ୍ନହର୍ତ୍ତା ଗଣେଶ ଙ୍କ ପୂଜା ପରେ ଶୁକ୍ଳପକ୍ଷ ପ୍ରଥମ ରବିବାର ଦିନ ରେଢ଼ାଖୋଲ ର ଇଷ୍ଟଦେବ ଓ ଆରାଧ୍ୟ ଦେବୀ ଙ୍କ ମହାନ ଗଣପର୍ବ ନୂଆଁମୁଣ୍ଡା ପୂଜା ମହା ସମାରୋହ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ର ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ଆରାଧ୍ୟ ଦେବୀ ମାଁ ଅନ୍ଧାର ବାଉତୀ ଙ୍କ ପାଖରେ ନବାନ୍ନ ଲାଗିଲା ପରେ ସ୍ଥାନୀୟ ଅଞ୍ଚଳରେ ଓ ଗଡ଼ଜାତ ଅଞ୍ଚଳ ର ବିଭିନ୍ନ ଗ୍ରାମ ମାନଙ୍କରେ ଗାଁ ପିଢ଼ ପୂଜା ପରେ ନୂଆଁ ଖାଇବା ପରମ୍ପରା ଆବାହନ କାଳରୁ ଚାଲିଆସିଥିବା ବେଳେ ଚଳିତ ବର୍ଷ କିଛି ଗାଁ ଗୁଡିକରେ ଗ୍ରାମ ପିଢ଼ ପୂଜା କରି ନବାନ୍ନ ଅର୍ପଣ କରି ନୂଆଁଖାଇ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବ ପ୍ରଥମେ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ରେଢ଼ାଖୋଲ ସହରର ଶିବଶଙ୍କର ପଡ଼ା ସ୍ଥିତ ମାଁ ଅନ୍ଧାର ବାଉତୀ ଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା କରି ସେବକ ଓ ଭକ୍ତ ମାନଙ୍କ ଗହଣରେ ରାଜବାଟି ସ୍ଥିତ ପଞ୍ଚଖଣ୍ଡା ମନ୍ଦିର ଠାରେ ପହଞ୍ଚିଥିଲେ। ଏଥିରେ ରାଜ ପରିବାର କର୍ତ୍ତା ଭାବରେ ବିର କିଶୋର ଦେଓ ଓ ବିର ବିକ୍ରମ ଦେଓ ଦାୟିତ୍ୱ ନିର୍ବାହ କରିଥିଲେ। ତା ସହିତ ମହାବୀର ସିଂ ଦେଓ, ରମେଶ ସିଂ,ରଞ୍ଜନ ରାଉତ, ସିଡୁ ଭଞ୍ଜ, ସମ୍ଭୁ ବିର୍,ରାଜା ବିର,ସଂହାର କେଶରୀ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ପ୍ରଭୁ ପଞ୍ଚଖଣ୍ଡା ଙ୍କ ପୂଜାର୍ଚ୍ଚନା ପୂର୍ବକ ଏକ ବିରାଟ ଶୋଭାଯାତ୍ରା ରେ ସ୍ଥାନେ ସ୍ଥାନେ ପୂଜାର୍ଚ୍ଚନା ହୋଇ ଶେଷରେ କେରାଣ୍ଡୀ ଜୋର ସ୍ଥିତ ନୂଆଁମୁଣ୍ଡା ପୂଜା ପୀଠରେ ପହଞ୍ଚିଥିଲେ।

## ସିଆଁଣ୍ଡି ପଞ୍ଚାୟତରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ



କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣ ପ୍ରସାଦ ବ୍ଲକର ବିଜୁ ଜନତା ଦଳ ତରଫରୁ ସିଆଣ୍ଡି ପଞ୍ଚାୟତରେ ଅବସ୍ଥିତ ମା ଚଣ୍ଡୀ ଦେବୀଙ୍କ ପିଠରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଲକ୍ଷ୍ମୀ ଧର ଦାଶ ସଭାପତିତ୍ୱ କରି ଦଳର ଦୃବଳତା ପ୍ରକାଶ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବଂ ନୂଆ ସଭାପତି ଭାବେ ପ୍ରାଣନାଥ ବିଶ୍ୱାଳ ସମ୍ପାଦକ ଭାବେ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକି ଙ୍କୁ ଚୟନ କରି ଦାଇତ୍ୱ ଦେଇଥିଲେ। ମୂଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ଯୁକ୍ତ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ସମସ୍ତ କର୍ମି ମାନଙ୍କୁ ଉଦବୋଧନ ଦେଇଥିଲେ। ସାଧାରଣ ଲୋକଙ୍କ ସମସ୍ୟା ଓ ଦୁଃଖ ସମୟରେ ତାଙ୍କ ପାଖରେ ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିବାକୁ ଏବଂ ସଙ୍ଗଠନକୁ କିଭଳି ମଜଭୂତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ବିଜେଡି ସଭାପତି ପଦ୍ମ ଚରଣ ଜେନା, ସମ୍ପାଦକ ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ବୁଧିବର ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ, ରାମ ଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ସିଆଳ ସରପଞ୍ଚ ରବି ମାଝୀ, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ସନ୍ତୋଷ ଜେନା, ବ୍ରହ୍ମଗିରି ପଞ୍ଚାୟତ ସରପଞ୍ଚ ଙ୍କ ପ୍ରତିନିଧି ନନ୍ଦ କିଶୋର ବିଶ୍ୱାଳ , ସମିତି ସଭ୍ୟ କାଳୁ ଚରଣ ଜେନା, ତିନି ମୌଜା ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ ଯୋଗଦେଇ ବିଜେପି ସରକାର ମିଛ ପ୍ରତାରଣା କୁ ନେଇ ଏବଂ ଜହ୍ନିକୁଦା ରୁ ସାତପଡ଼ା କୁ ବ୍ରିଜ୍ ନିର୍ମାଣ କରିବାର ପ୍ରତିଶୃତି ଦେଇ ବାର ମ୍ବାର ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରି ଚାଲିଥିବା ଉପରେ ଆଲୋଚନା ରଖିଥିଲେ। ପରିଶେଷରେ ଜିଲ୍ଲା ପରିଷଦ ଲକ୍ଷ୍ମୀ ଧର ସାହୁ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତର ଶତାଧିକ କର୍ମୀ ଏବଂ ଯୁବକମାନେ ଯୋଗଦେଇ ସହଯୋଗ କରିଥିଲେ।

## ଥମୁନି ବାଲି ମାଫିଆଙ୍କ ଚୋରା ବାଲି ଚାଲାଣ, ଦୁଇ ଟ୍ରାକ୍ଟର ଜବତ

ପାଟଣା, (ମହାଭାରତ) : କେନ୍ଦୁଝେ ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ବୈତରଣୀ ନଦୀ ରୁ ବେଆଇନ ଚୋରା ବାଲି ଚାଲାଣ ଥାମୁ ନ ଥିବା ବେଳେ ନଦୀ ଭିତ ରୁ ପାଟଣା ବନାଞ୍ଚଳ ଦୁଇଟି ଚୋରା ବାଲି ଟ୍ରାକ୍ଟର ଜବତ କରି ଛି। ସୂଚନା ରୁ ପ୍ରକାଶ ପାଟଣା ବନାଞ୍ଚଳ ଅଧିକାରୀ ଆର୍ତ୍ତ ପ୍ରାଣ ମିଧା ଅପରାହ୍ନ ରେ ଅଞ୍ଚଳ ପରିକ୍ରମା କରୁଥିବା ସମୟରେ ଦୂର୍ଗାଦେଇ ପୁର ବାଲି ଘାଟ ରୁ ଚୋରା ବାଲି ଚାଲାଣ ହେଉ ଥିବା ଦେଖି ପାଟଣା ବନାଞ୍ଚଳ ଅଧିକାରୀ ଙ୍କ ସହ ବନପାଳ ଅଧିକାରୀ ନିରଞ୍ଜନ ସେଠୀ,ଚିତ୍ତରଞ୍ଜନ ପରିଡ଼ା,ପାରା କର୍ମଚାରୀ ମିଳିତ ଭାବେ ନଦୀ ଗଭୀର କୁ ଯାଇ ଟ୍ରାକ୍ଟର ଦୁଇଟି କୁ ଜବତ କରିବାକୁ ଚେଷ୍ଟା କରିବା ସମୟରେ ଚୋରା ବାଲି ଚାଲାଣ କରୁଥିବା ଦୁଇଟି ବାଲି ବୋଝେଇ ବାଲି କୁ ନଦୀ ରେ ଢାଳି ଦେଇ ଘଟଣାସ୍ଥଳ ରୁ ବାଲି ମାଫିଆ ଓ ଡ୍ରାଇଭର ଫେରା ରେ ହୋଇ ଯାଇ ଥିଲେ। ଘଟଣାସ୍ଥଳ ରୁ ଦୁଇଟି ଚୋରା ବାଲି ଚାଲାଣ ଟ୍ରାକ୍ଟର କୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟ କୁ ଅଣାଯାଇ ଯାଇଥିବା କାର୍ଯ୍ୟାଳୟ ପକ୍ଷ ରୁ ସୂଚନା ରହି ଛି।

## ପାରାଦୀପରେ ପୂଜା ମହୋତ୍ସବ ସ୍ଥଳୀରେ ସ୍ୱଚ୍ଛତା ଅଭିଯାନ




ପାରାଦୀପ, (ମହାଭାରତ): ସ୍ୱଚ୍ଛତା ହିଁ ସେବା" ବାର୍ତ୍ତାକୁ ନେଇ ପାରାଦ୍ୱୀପ ପୌରପାଳିକା ଓ ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ରବିବାର ସକାଳେ ଏକ ସାମୁହିକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ପାରାଦ୍ୱୀପର କମଳା ସିନେମା ହଲ ନିକଟସ୍ଥ ସାମ୍ବାଦିକ ପ୍ରକୋଷ୍ଠ ଠାରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା, ବିଶ୍ୱକର୍ମା ପୂଜା ପେଣ୍ଡାଲ ନିକଟସ୍ଥ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା। ସୂଚନାଥାଉକି ଏହି ପୂଜା ମହୋତ୍ସବରେ ଲକ୍ଷାଧିକ ଜନସମାଗମ ଦୃଷ୍ଟିରୁ ବହୁ ଅଳିଆ ଆବର୍ଜନା କୁ ଦୈନିକ ପୌରପାଳିକା ପକ୍ଷରୁ ସଫେଇ କରାଯାଉଥିବା ବେଳେ ଏହି କାର୍ଯ୍ୟକୁ ବ୍ୟାପକ କରିବାକୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏହି ଅଭିଯାନରେ ପାରାଦ୍ୱୀପର ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସି ଆଲୁମୁନି ସଦସ୍ୟ, ମହିଳା କଲ୍ୟାଣ ଟ୍ରଷ୍ଟ ସମେତ ବହୁ ସ୍ୱେଚ୍ଛାସେବୀ ମିଳିତ ଭାବେ ସାମିଲ ହୋଇ ରାସ୍ତାକଡ଼ ଓ ପୂଜାସ୍ଥଳୀ ନିକଟରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏଥିସହିତ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରାଇବା ସହ ନିଜ ଅଞ୍ଚଳକୁ ସଫା ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ରୋଟାରୀ କ୍ଲବର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ର, ରୋଟାରିଆନ୍ ଅଲେଖ ଚନ୍ଦ୍ର ସାହୁ, ଡା.ଦୁର୍ଗା ପ୍ରସାଦ ସେଠୀ, କୈଳାସ ମହାରଣା,ପାରାଦ୍ୱୀପ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବରିଷ୍ଠ ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ, ପରିମଳ ବିଶେଷଜ୍ଞ ପ୍ରୀତିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ କଲେଜ ଏନ୍‌ସିସି ଆଲୁମୁନି ଆସୋସିଏସନ ର ଉପଦେଷ୍ଟା ଲେଫ୍‌ଟନାଣ୍ଟ ଅକ୍ଷୟ ଚନ୍ଦ୍ର ମିଶ୍ର, ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବହୁ ଏନ୍‌ସିସି ଆଲୁମୁନି ସଦସ୍ୟ, କ୍ୟାଡେଟ୍ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଅଭିଯାନରେ ଯୋଗଦେଇଥିବା ସମସ୍ତେ ସ୍ୱଚ୍ଛତା କେବଳ ପୌରପାଳିକାର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ସାମାଜିକ ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ। ପୂଜା ପରେ ସୃଷ୍ଟି ହେଉଥିବା ଆବର୍ଜନାକୁ ଏଣେତେଣେ ନପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ଏବଂ ପାରାଦ୍ୱୀପକୁ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ରଖିବା ପାଇଁ ସମସ୍ତେ ମିଳିତ ଭାବେ ଦାୟିତ୍ୱ ନେବାକୁ ଆହ୍ୱାନ ଦିଆଯାଇଥିଲା। "ସ୍ୱଚ୍ଛ ପାରାଦ୍ୱୀପ, ସୁସ୍ଥ ପାରାଦ୍ୱୀପ" ଗଠନ ଲକ୍ଷ୍ୟରେ ଏଭଳି ମିଳିତ ସ୍ୱଚ୍ଛତା ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଉପସ୍ଥିତ ସ୍ୱେଚ୍ଛାସେବୀମାନେ କହିଥିଲେ।

## ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆଖୁଆପାଳ ପଞ୍ଚାୟତ ୩ ନମ୍ବର କଲୋନୀରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସ୍ତ୍ରୀକୁ ପିଟି ପିଟି ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା। ପ୍ରାଥମିକ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ପରେ ସ୍ୱାମୀ ରତ୍ନାକର ନାଏକ ସ୍ତ୍ରୀ ରଶ୍ମିତା ନାଏକଙ୍କୁ ଆକ୍ରମଣ କରିଥିବା ଏବଂ ଏଥିରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଥିଲା । ପରେ ରତ୍ନାକର ଘର ଭିତରେ ଛୁଆମାନଙ୍କୁ ତାଲା ପକାଇ ନିଜେ ମଧ୍ୟ ଆତ୍ମହତ୍ୟା କରିଥିବା ସୂଚନା । ତେବେ ଖବର ପାଇ ପରଜଙ୍ଗ ପୋଲିସ ସହ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ଓ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେପଟେ ଜିଲ୍ଲା ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି । ତେବେ ଦମ୍ପତିଙ୍କ ମୃତ୍ୟୁର ସଠିକ୍ କାରଣ ଓ ସମ୍ପୂର୍ଣ୍ଣ ଘଟଣାକ୍ରମ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ସୂଚନା ରହିଛି ।

## ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ମିଳିତ ଟ୍ରେଲର ସଂଘ ତରଫରୁ ନିଃଶୁଳ୍କ ମୃଦୁ ପାନୀୟ ସେବା : ସାଧାରଣରେ ପ୍ରଶଂସା




ପାରାଦୀପ, (ମହାଭାରତ) : ପାରାଦୀପ ର ଗଣପର୍ବ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଆକର୍ଷଣୀୟ ତୋରଣ ଓ ମଣ୍ଡପ ମାନ ନିର୍ମାଣ କରାଯାଇଛି ଯାହାକୁ ଦେଖିବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି । ପାଗ ଅନୁକୂଳ ଥିବାରୁ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଛି ଯାହାକୁ ଦୃଷ୍ଟିରେ ରଖି ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଟ୍ରେଲର ସଂଘର ମିଳିତ ସମନ୍ୱୟ କମିଟି ଏକ ନିଆରା ପ୍ରୟାସ କରିଛି ଯାହାକି ବିଭିନ୍ନ ବ୍ୟଞ୍ଜନ ର ନିଃଶୁଳ୍କ ଥଣ୍ଡା ମୃଦୁ ପାନୀୟ (ମକଟେଲ) ବିତରଣ କରୁଛନ୍ତି । ଏହି ଦାମୀ ମୃଦୁ ପାନୀୟ ମଧ୍ୟରେ ମ୍ୟାଙ୍ଗୋ ଫ୍ଲେବର, ପାଇନାପୁଲ ଫ୍ଲେବର, ଷ୍ଟ୍ରବେରୀ, ବ୍ଲାକବେରୀ, ବ୍ଲୁ ବେରୀ,ଅରେଞ୍ଜ ଓ ଲେମନ ବ୍ୟଞ୍ଜନ ରହିଛି । ଏହି ନିଃଶୁଳ୍କ ସେବା କାଉଣ୍ଟର କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଓ ମିଳିତ ସମନ୍ୱୟ କମିଟି ର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ସେବା କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟା ରୁ ଆରମ୍ଭ ହୋଇ ରାତ୍ର ୧୧ ଟା ପର୍ଯ୍ୟନ୍ତ ଦୀର୍ଘ ୬ ଦିନ ଧରି ଚାଲିବ । ଏହି ସେବା କାର୍ଯ୍ୟ ଦ୍ୱାରା ହଜାର ହଜାର ଶ୍ରଦ୍ଧାଳୁ ମାନେ ଏହି ମୃଦୁ ପାନୀୟ ପିଇ ଥକା ମେଣ୍ଟାଇ ପାରିବେ । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ କର୍ମେଶ୍ୱର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଜେନା, ସତ୍ୟଜିତ ପ୍ରଧାନ, ନଗେନ୍ଦ୍ର ରାଉତ, ସିକନ୍ଦର ବକ୍ସ, ତୁଷାରକାନ୍ତ ଭୋଇ, ଅରକ୍ଷିତ ମାଝି, ଆଲୋକ ରଞ୍ଜନ ଦାସ, ଶ୍ରୀକାନ୍ତ ସାମଲ,ତୃପ୍ତି ରଞ୍ଜନ ପୃଷ୍ଟି, ମନମୋହନ ନାୟକ, ଅରୁଣ ମଙ୍ଗରାଜ, ବିଷ୍ଣୁ ଚରଣ ରାଉତ, ଆଶୁତୋଷ ସ୍ୱାଇଁ, ନିରଞ୍ଜନ ବେହେରା, ଚୌଧୁରୀ ଜୟପ୍ରକାଶ ସ୍ୱାଇଁ, ପ୍ରଭଞ୍ଜନ ସେନାପତି, ରବି ନାରାୟଣ ପ୍ରଧାନ, ରବିନାରାୟଣ ଦାସ, ରାଜେନ୍ଦ୍ର ମାନ୍ନା,ଫକୀର ମୋହନ ସାହାଣୀ ଙ୍କ ସମେତ ସଂଘର ଶତାଧିକ ମାଲିକମାନେ ଉପସ୍ଥିତ ରହିଥଲେ । ତେବେ ଟ୍ରେଲର ମିଳିତ ସମନ୍ୱୟ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ଙ୍କ ପ୍ରୟାସ ଏବଂ ସଂଘର ଏପରି ସେବା କାର୍ଯ୍ୟକ୍ରମ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଚଳିତ ବର୍ଷ ଏହି ନିଃଶୁଳ୍କ ସେବା କାର୍ଯ୍ୟକ୍ରମ ସହ ପ୍ରଥମକରି ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ମହା ଆଡମ୍ବର ସହକାରେ ପାଳନ କରାଯାଉଛି । ଯେଉଁଥିରେ କର୍ତ୍ତକ୍ଷ ଭାବେ କର୍ମେଶ୍ୱର ସ୍ୱାଇଁ ଏବଂ କର୍ତ୍ତୀ ଭାବେ ନମିତା ବିଶ୍ୱାଳ ଏକ ବିରାଟ କଳସ ଶୋଭାଯାତ୍ରାରେ ଯାଇ ରୀତି ନୀତି ଅନୁଯାୟୀ କଳସ ବୁଡାଇ ଘଟ ସ୍ଥାପନ କରି ଅଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ସର୍ବ ଶେଷରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା, ସଭ୍ୟ ତଥା ବାହାରୁ ଆସିଥିବା ଶ୍ରଦ୍ଧାଳୁ ମାନେ ପୁଷ୍ପାଞ୍ଜଳି ଦେଇଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଏମବିବିଏସ୍‌ରେ ସ୍ୱର୍ଣ୍ଣପଦକ ହାସଲ କଲେ ଗୁରାଣ୍ଡିର ଝିଅ ସର୍ମିଷ୍ଠା ରାଉତ




ଗୋଷାଣି,(ମହାଭାରତ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ମାଟିର ଝିଅ ସର୍ମିଷ୍ଠା ରାଉତ ପଶ୍ଚିମବଙ୍ଗର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ,କଲ୍ୟାଣୀରୁ ଏମବିବିଏସ୍ ଡିଗ୍ରୀ ହାସଲ କରିବା ସହିତ ତାଙ୍କ ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ ପାଇଁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଖୁସିର ଲହରୀ ଖେଳିଯାଇଛି । ସର୍ମିଷ୍ଠା ଏମବିବିଏସ୍ ପାଠ୍ୟକ୍ରମ ସମୟରେ ଏକାଧିକ ପ୍ରମୁଖ ବିଷୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି । ଶରୀରରଚନା ବିଜ୍ଞାନ, ଜୈବରସାୟନ, ରୋଗବିଜ୍ଞାନ ଏବଂ ବିଷବିଜ୍ଞାନ ସମେତ ବିଭିନ୍ନ ବିଷୟରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିବା ତାଙ୍କ ଶିକ୍ଷାଗତ ଉତ୍କର୍ଷର ପରିଚୟ ଦେଇଛି । ଏମବିବିଏସ୍ ଶିକ୍ଷାରେ ଏପରି ଉଲ୍ଲେଖନୀୟ ସଫଳତା ହାସଲ କରି ସର୍ମିଷ୍ଠା ନିଜ ପରିବାର ସହିତ ଗୁରାଣ୍ଡି ଗ୍ରାମ ଓ ଗଜପତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସର୍ମିଷ୍ଠାଙ୍କ ପିତା ସୁରେନ୍ଦ୍ର ରାଉତ ଜଣେ ଇଞ୍ଜିନିୟର ଇଲେକ୍ଟ୍ରିକାଲ ଇଂଜିନିୟର ଏବଂ ମାତା ଡା. କୃଷ୍ଣା ପାତ୍ର ଜଣେ ଚକ୍ଷୁରୋଗ ବିଜ୍ଞାନର ପ୍ରଫେସର ବୋଲି ଜଣାପଡିଛି । ଉଭୟଙ୍କ ଶିକ୍ଷା ଓ ପେଶାଗତ ଜୀବନ ଉଚ୍ଚଶିକ୍ଷା ସହିତ ଜଡ଼ିତ । ବର୍ତ୍ତମାନ ଉଭୟେ ଭୁବନେଶ୍ୱରରେ ରହୁଥିଲେ ମଧ୍ୟ ଗୁରାଣ୍ଡି ଗ୍ରାମ ସହିତ ସେମାନଙ୍କର ଗଭୀର ସମ୍ପର୍କ ରହିଛି । ସର୍ମିଷ୍ଠାଙ୍କ ପରିବାରର ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ଝିଅ ମଧ୍ୟ ଚିକିତ୍ସା କ୍ଷେତ୍ରରେ ନିଜର କ୍ୟାରିୟର ଗଢ଼ିଛନ୍ତି । ଏବେ ସର୍ମିଷ୍ଠା ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଚ୍ଚଶିକ୍ଷା ଜାରି ରଖିବାକୁ ପ୍ରସ୍ତୁତ ହେଉଛନ୍ତି । ସର୍ମିଷ୍ଠାଙ୍କ ଏହି ସଫଳତା ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଯୁବପିଢ଼ି ପାଇଁ ଏକ ପ୍ରେରଣାର ବିଷୟ ହୋଇଛି ବୋଲି ଆଲୋଚନା ହେଉଛି । ସର୍ମିଷ୍ଠା ରାଉତଙ୍କ ଏହି ସଫଳତାରେ ଗୁରାଣ୍ଡି ଗ୍ରାମବାସୀଙ୍କ ସମେତ ଗୁରାଣ୍ଡି ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ ବୃନ୍ଦ, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଖୁସି ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ରାୟଗଡ ବ୍ଲକସ୍ଥିତ କଇଠପଦର ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରାଂଗଣରେ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ,ଗଜପତି ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ,ରାୟଗଡ ବ୍ଲକର ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାଏକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢୀ,ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ୱାଇ.କ୍ରିଷ୍ଣାରାଓ ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ ।ଜିଲ୍ଲାର ସମସ୍ତ ୭ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ/ଅଧିକ୍ଷା ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ ।ଅତିଥିମାନେ ଛାତ୍ରଛାତ୍ରୀ ମାନଂକୁ ଉତ୍ସାହିତ କରିବାସହ ନିଜର ସୁନ୍ଦର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ ।ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ରଛାତ୍ରୀ ମାନଂକୁ ଅତିଥିମାନେ ପୁରସ୍କୃତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ କଇଠପଦର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷିନୀ ପାଢୀ ଏବଂ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।ଶେଷରେ ମନୋରଂଜନ କାର୍ଯ୍ୟକ୍ରମ ହୋଇଥିଲା । ଏହି ବିଦ୍ୟାଳୟର ଛାତ୍ର କାହ୍ନୁ ଭୂୟାଁ ନିକଟରେ ନିଟ୍ ରେ ସଫଳତା ହାସଲ କରି ଭେଷକ ବିଜ୍ଞାନରେ ନାମଲେଖାଇଥିବାରୁ ତାଂକୁ ଅତିଥିମାନେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

## ମାଳିସାହି ପାଟଣା ଗ୍ରାମର ପ୍ରତିଭା ସମ୍ମାନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୩ନମ୍ବର ୱାର୍ଡ ମାଳିସାହି ଗ୍ରାମରେ ଗଜାନନଙ୍କ ପୂଜା ଆଜକୁ ୨୭ବର୍ଷରେ ପଦାର୍ପଣ କରିବା ସହିତ ଯୁବକ ସଂଘକୁ ୫୦ବର୍ଷରେ ପଦାର୍ପଣ କରିଛି । ପୂଜା ସହିତ ନୂଆ ଢଙ୍ଗରେ ଭଗବତୀ ଯୁବକ ସଂଘର ସଭ୍ୟ ମାନେ ଲୁଚିରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିଥିଲେ । ୱାର୍ଡର କୁନି କୁନି ପୁଅ, ଝିଅ,ବାଳକ, ବାଳିକା,ବୋହୂ ଏବଂ ଅନ୍ୟ ପିଲାଙ୍କୁ ନେଇ ସମସ୍ତ ପ୍ରକାର ଖେଳକୁଦର କାର୍ଯ୍ୟକ୍ରମ କରୁଥିବାର ଦେଖିବାକୁ ମିଳୁଛି । ଶନିବାର ଦିନ ସନ୍ଧ୍ୟା ସମୟରେ ସଂଘର ସଭାପତି ସ୍ୱରୂପ ସୁରଜିତ ସାହୁଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉଲ୍ଲାସ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଦୀନବନ୍ଧୁ ସୁନ୍ଦରା, ପୂର୍ଣ୍ଣଚନ୍ଦ୍ର ସେନାପତି, ମାଳିସାହି ଗ୍ରାମ ସଭାପତି ଶରତ ଚନ୍ଦ୍ର ବାରିକ ଯୋଗ ଦେଇଥିବା ବେଳେ ଅଭୟ ପ୍ରସାଦ ଜେନା ମଂଚ ପରିଚାଳନା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରକାର ପ୍ରତିଯୋଗିତାର ସମସ୍ତ ଉତ୍ତୀର୍ଣ୍ଣ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବ ଶେଷରେ ସଭାପତି ସ୍ୱରୂପ ସୁରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୭ ନଂ ଜାତୀୟ ରାଜପଥରେ ଥମୁନି ଦୁର୍ଘଟଣା

## ଦଶପଲ୍ଲା-ବାଣୀଗୋଛା ରାସ୍ତାରେ ପ୍ରତିଦିନ ଯାଉଛି ଜୀବନ

ଦଶପଲ୍ଲା,(ମହାଭାରତ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲାଠାରୁ ବାଣୀଗୋଛା ମଧ୍ୟରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିଦିନ କାହାର ନା କାହାର ଅକାଳରେ ପ୍ରାଣହାନି ଘଟୁଥିବା ବେଳେ ଅନେକ ଲୋକ ଗୁରୁତର ଆହତ ହୋଇ ସବୁଦିନ ପାଇଁ ପଙ୍ଗୁ ପାଲଟୁଛନ୍ତି । ରାଜପଥ ଏବେ ସ୍ଥାନୀୟ ଲୋକଙ୍କ ପାଇଁ 'ମରଣଯନ୍ତା' ପାଲଟିଥିବାରୁ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଭାରୀ ଯାନବାହନ, ବସ୍ ଓ ଦ୍ରୁତଗାମୀ କାର୍ ଚଳାଚଳ କରୁଛି । ରାସ୍ତାରେ ଥିବା ବିଭିନ୍ନ ବିପଜ୍ଜନକ ମୋଡ଼, ବେପରୁଆ ଗାଡ଼ି ଚାଳନା ଏବଂ ଆବଶ୍ୟକୀୟ ସତର୍କତା ବ୍ୟବସ୍ଥାର ଅଭାବ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି । ଜନବହୁଳ ଛକ, ବଜାର ଓ ଶିକ୍ଷାନୁଷ୍ଠାନ ନିକଟରେ ସ୍ପିଡ୍ ବ୍ରେକର, ରେଡିୟମ୍ ସୂଚନା ଫଳକ କିମ୍ବା ଉପଯୁକ୍ତ ଆଲୋକୀକରଣ ନଥିବା ମୁଖ୍ୟ କାରଣ ପାଲଟିଛି । ଏହାସହ ଟ୍ରାଫିକ୍ ପୋଲିସର ନିୟମିତ ପାଟ୍ରୋଲିଂ ଓ ଯାଞ୍ଚ ଅଭାବରୁ ଦ୍ରୁତଗତିରେ ଗାଡ଼ି ଚଳାଇବା ସାଧାରଣ କଥା ପାଲଟିଛି ।ପ୍ରତ୍ୟେକ ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ କେବଳ ତଦନ୍ତର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି । ତେଣୁ ଦୁର୍ଘଟଣାପ୍ରବଣ ଅଞ୍ଚଳଗୁଡ଼ିକ ଚିହ୍ନଟ କରି ତୁରନ୍ତ ବ୍ଲାକ୍ ସ୍ପଟ୍ ସୁଧାରିବା, ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ସ୍ପିଡ୍ ବ୍ରେକର ଓ ସାଇନ୍ ବୋର୍ଡ ଲଗାଇବା ସହ ନିୟମିତ ଗାଡ଼ି ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଜିଲ୍ଲା ତଥା ରାଜପଥ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହେଲେ ରାଜପଥ ଅବରୋଧ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

## ବୈତରଣୀ ନଦୀ ରୁ ଜାଓ୍ୱା ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୁଆପଶି ଗ୍ରାମ ରେ କରମ ପରବ ଅନୁଷ୍ଠିତ ହୋଇଛି । ଏହି କରମ ପରବ କୁ ପାଟଣା ବ୍ଲକ ର କୋଣ ଅନୁକୋଣ ରୁ କୁଡୁମି ସମ୍ପ୍ରଦାୟ ଲୋକ ମାନେ ଏକତ୍ରିତ ହୋଇ କୁଆପଶି ଗ୍ରାମ ରୁ ଏକ ଶୋଭାଯାତ୍ରା ବାହାରି ପୁଣ୍ୟ ତୋୟା ବୈତରଣୀ ନଦୀ ରେ ପହଞ୍ଚି ପୂଜାର୍ଚନା ସହ ଜାଓ୍ୱା ଉଠାଣ କରିଛନ୍ତି । ଏକ ଖଟୁଲି ଉପରେ ଟକେଇ କୁ ବାଲି ପୂର୍ଣ୍ଣ କରି ଏକ ଧାନ ଗଛ କୁ ରଖି ପାରମ୍ପାରିକ ରୀତିନୀତି ରେ ପୂଜାର୍ଚ୍ଚନା ସହ କୁଡୁମୀ ସମ୍ପ୍ରଦାୟ ର ଗୀତ ନାଚ ରେ ନଦୀ ରୁ ଖଟୁଲି କୁ ଗ୍ରାମ ର ଯୁବତୀ ମାନେ ବୋହି ଗ୍ରାମ ର ପୂଜାସ୍ଥଳି ରେ ପହଞ୍ଚି ସେଠାରେ ଦୁଇ ଦିନ ଧରି ପୂଜାର୍ଚ୍ଚନା ରହିଥିବା ବେଳେଜାଓ୍ୱା ଉଠାଣ ପରବ କୁ ବିଶ୍ୱାସ ଥାଏ କି ଏହି କରମ ପରବ କୁ ବର୍ଷ କୁ ବର୍ଷ ପାଳନ କଲେ ଚାଷ ରେ ଅଗ୍ରଗତି ସହ ନିଜ ନିଜ କୁଡୁମୀ ସମ୍ପ୍ରଦାୟ ର ଲୋକ ମାନେ ପରମ୍ପରା କୁ ଆଜି ଯୁବପିଢ଼ି ଭୁଲିଯାଉ ଥିବା ବେଳେ ଏହା ସହ ଯୋଡ଼ି ହୋଇ ରହିବାକୁ ପ୍ରୟାସ ରହିଥିବା କୁହାଯାଇ ଛି ।

### ଜିଲ୍ଲାପାଳଙ୍କ ଆଦେଶକୁ ମାନୁ ନାହାଁନ୍ତି ଭାରୀଯାନ ମାଲିକ

## ଲୁହା ପଥର ବୋଝେଇ ଟ୍ରକ ଧକ୍କାରେ ଅଟୋ ଚାଳକ ମୃତ

**କେନ୍ଦ୍ରାପଡ଼ା,**:କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଏକ ଲୁହା ପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ଅଟୋଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଅଟୋ ଚାଳକ ହେଉଛନ୍ତି ନିକିରାଇ ଥାନା ଅନ୍ତର୍ଗତ ନିକିରାଇପଟଣା ଗ୍ରାମର ନୃସିଂହ ଚରଣ ସାହୁ(୫୭) । ଖବର ନେବାରୁ ଜଣାପଡିଛି ନୃସିଂହ ୨ ଜଣ ମହିଳା ଓ ଜଣେ ଛୋଟ ପିଲାକୁ ଅଟୋରେ ବସାଇ ଗ୍ରାମରୁ କେନ୍ଦ୍ରାପଡ଼ା ସହର ଅଭିମୁଖେ ଆସୁଥିଲେ । ଦଣ୍ଡାମୁଣ୍ଡ ଛକ ନିକଟରେ ଏକ ଲୁହା ପଥର ବୋଝେଇ ଟ୍ରକ ଅଟୋକୁ ଧକ୍କା ଦେଇଥିଲା । ଫଳରେ ଅଟୋରୁ ଅଟୋ ଚାଳକ ନୃସିଂହ ଛିଟିକି ପଡିଥିଲେ । ତାଙ୍କ ଉପରେ ଟ୍ରକ ଚଢି ଯାଇଥିଲା । ଏହାଦ୍ୱାରା ଦୁର୍ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଅଟୋରେ ବସିଥିବା ଯାତ୍ରୀମାନେ ଭାଗ୍ୟ ବଶତଃ ସୁରକ୍ଷିତ ଥିବା ଜଣାପଡିଛି । ଟ୍ରକ ଚାଳକ ଅଟୋକୁ ଧକ୍କା ଦେବା ପୂର୍ବରୁ ଏକ ସ୍କୁଟି ଓ ଏକ କାରକୁ ମଧ୍ୟ ଧକ୍କା ଦେଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି । ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ଟ୍ରକ ଚାଳକ ସଞ୍ଜୟ ବେହେରାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି । ଲୁହା ପଥର ବୋଝେଇ ଟ୍ରକର ମାଲିକ ନିକିରାଇ ଗ୍ରାମର ମହେଶ୍ୱର ଜେନା ବୋଲି ପୋଲିସ କହିଛି । ଅପରପକ୍ଷରେ ଟ୍ରକ ମାଲିକମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁ ନାହାଁନ୍ତି । ଜିଲ୍ଲାପାଳ ନିକଟରେ ନିର୍ଦ୍ଦେଶ ଦେଇଥିଲେ ଯେ ଭାରୀଯାନ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ଚଳ ପ୍ରଚଳ କରିପାରିବ ନାହିଁ । ହେଲେ ଏହି ନିର୍ଦ୍ଦେଶକୁ ଟ୍ରକ ମାଲିକମାନେ ପାଳନ କରୁନାହାଁନ୍ତି । ଯାହା ଫଳରେ ଏଭଳି ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଦୀପ ଲିଭି ଯାଉଛି । ଗତ ବର୍ଷ ଜଣେ ମହିଳା ସ୍କୁଟିରେ ଯାଉଥିବା ବେଳେ ତିନିମୁହାଣୀ ଛକ ନିକଟରେ ଏକ ହାଇଓ୍ୱା ଧକ୍କା ଦେବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ଜିଲ୍ଲାପାଳ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଥିଲେ । କିଛି ଦିନ ପୋଲିସ ସେହି ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଟାଉନ୍ ଥାନାର ପୂର୍ବତନ ଆଇଆଇସି ଦିଲ୍ଲୀପ ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଆଦାୟ କରିଥିଲେ । ଏହାସହ ୧୦ଟି ଟ୍ରକକୁ ଜବତ କରିଥିଲେ । ଫଳରେ ଟ୍ରକ ମାଲିକମାନଙ୍କ ମନରେ ଛନକା ପସିଥିଲ । ଫଳରେ ସେହି ସମୟରେ ଦୁର୍ଘଟଣା ହ୍ରାସ ପାଇଥିଲା ।

## ଖଡିଆ ସମାଜର ନୂଆଁଖାଇ ଭେଟଘାଟ

ସମ୍ବଲପୁର,:ଖଡିଆ ସାଂସ୍କୃତିକ ସେବା ସମାଜ ଆନୁକୂଲ୍ୟରେ ଧନକଉଡା ବ୍ଲକ କଲା ମାଟି ଗ୍ରାମପଞ୍ଚାୟତର ଲଡୁ ଖାଇ ଠାରେ ରବିବାର ନୂଆଁ ଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ର ଖଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଡିଆ ସମାଜର ସମ୍ବଲପୁର ଜିଲାର ନଅଟି ବ୍ଲକ୍ ର ସଦସ୍ୟ ସଦସ୍ୟା ମାନେ ସାମିଲ ହୋଇଥିଲେ । ଖଡିଆ ପରମ୍ପରା ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ତରଣୀ ଖଡିଆ ଯୋଗଦେଇ ନୂଆଁଖାଇ ର ମହତ୍ୱ ଉପରେ ମତବ୍ୟକ୍ତ କରିଥିଲେ ଏହାସହ ଆଦିବାସୀ ସମାଜରେ ନିଶା ର କୁପ୍ରଭାବ ଉପରେ ସଚେତନ କରିଥିଲେ । ଖଡିଆ ସାଂସ୍କୃତିକ ସେବା ସମାଜର ବସନ୍ତ କୋକବାକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବର୍ତ୍ତମାନ ସମୟରେ ଅନେକ ପରମ୍ପରାକୁ ସମାଜର ଯୁବପିଢୀକୁ ଜଣାଇବା ପାଇଁ ଏହାର ସାମୁହିକ ଭାବେ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ଖଡିଆ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ ସହ ସାମାଜିକ ସଂସ୍କାର ଏବଂ ଭାଷା ସଂସ୍କୃତିର ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା । ଏହାପୂର୍ବରୁ ଖଡିଆ ସମାଜର ପୂର୍ବ ପୁରୁଷ ମାନଙ୍କୁ ସ୍ମରଣ କରାଯିବା ସହ କରମସାନୀ ଏବଂ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ ମଞ୍ଚ ରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ କେରକେଟା, ସୁରୁ ଖଡିଆ, ଅର୍ଜୁନ ବାଗ, ରମାକାନ୍ତ ଖଡିଆ, ଅମିନ ଖଡିଆ, ପ୍ରହଲ୍ଲାଦ ଖଡିଆ, ସୁବାସ ବାଗ, ଡମ୍ବରୁ ଖଡିଆ ପ୍ରମୁଖ ସହଯୋଗ ରହିଥିଲେ ।

## ପୁରପଲ୍ଲୀରେ ଶେଷହେଲା ଖୁଦୁରୁକୁଣୀ ଓଷା





ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକର ପୁରପଲ୍ଲୀରେ ରବିବାର ଖୁଦୁରୁକୁଣୀ ଓଷା ପାଳିତ ହୋଇଯାଇଛି ।ଭାଦ୍ରବ ମାସ ପ୍ରଥମ ରବିବାର ଠାରୁ ଆରମ୍ଭହୋଇ ପ୍ରତି ରବିବାର ପାଳନ କରାଯାଇ ଆଜିଶେଷ ରବିବାରରେ ଓଷା ଶେଷ ହୋଇଛି ।ପୁରପଲ୍ଲୀରେ କୁମାରୀ ଝିଅଙ୍କର ଅତିପ୍ରିୟ ଠାକୁରାଣୀ ମା' ଜଖୁଦୁରୁକୁଣୀ ଦେବୀଙ୍କ ପୂଜା ଅତିନିଷ୍ଠାର ସହିତ ଭାଦ୍ରବ ମାସର ପ୍ରତ୍ୟେକ ରବିବାର କରାଯାଇଥାଏ । କେଉଁ କେଉଁ ସ୍ଥାନରେ ଭାଲୁକୁଣି ଠାକୁରାଣୀ ନାମରେ ପୂଜାର୍ଚ୍ଚନା କରାଯାଇଥିବାବେଳେ କେଉଁ ସ୍ଥାନରେ ମା' ଖୁଦୁରୁକୁଣୀ ନାମରେ ପୂଜା କରାଯାଇଥାଏ ।ଏହି ଅବସରରେ ଓଡଗାଁ ବ୍ଲକର ସବୁ ପଞ୍ଚାୟତ ସହିତ ଏନଏସିରେ ଉତ୍ସାହର ସହିତ ମା'ଙ୍କୁ ସୁସଜ୍ଜିତ କରି ସକାଳ ସମୟରେ ପୂଜାର୍ଚ୍ଚନା ସହିତ ଖୁଦୁରୁକୁଣୀ ବହି ଆବୃତ୍ତି କରାଯାଇ ବିଭିନ୍ନ ପିଠା, ଫଳମୂଳ ଓ ମୁଆଁ ସମେତ ଧୂପଦୀପ ଅର୍ପଣ କରାଯାଇଥିଲା ।ଏଥିରେ କୁଆଁରୀ ଝିଅମାନେ ମାନେ ପୂରାଣ ଅନୁଯାୟୀ ସାଧବ ସାତବୋହୂ ଓ ତଅପୋଇ ବେଶରେ ସୁସଜ୍ଜିତ ହୋଇ ପୂଜାମଣ୍ଡପରେ ଯୋଗଦେଇଥିଲେ ।ବିଶେଷ କରି ଝିଅମାନେ ଏହି ପୂଜାର ଆୟୋଜନ କରୁଥିବାବେଳେ ଏହି ଖୁଦୁରୁକୁଣୀ ଓଷା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ ।

## ପିକଅପ ଗାଡ଼ିରେ ସନ୍ଦେହଜନକ ନିଆଁ, କାରଣ ଅସ୍ପଷ୍ଟ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅଧୀନ ବେତଗଡ଼ ଗ୍ରାମରେ ରବିବାର ଦିନ ଘର ପାଖରେ ଛିଡ଼ା ହୋଇଥିବା ପିକ୍‌ଅପ୍ ଗାଡ଼ିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ବେତଗଡ ଗ୍ରାମର ବାସିନ୍ଦା ଅଶୋକ କୁମାର ପ୍ରଧାନଙ୍କ ଘର ବାରି ପଛରେ ରଖାଯାଇଥିବା ଏକ ପିକଅପ ଗାଡ଼ିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇ ପଳାଇ ଯାଇଥିଲା ସନ୍ଦେହ କରାଯାଉଛି । ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଛି । ସକାଳୁ ଏହା ଜାଣିବା ପରେ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପହଞ୍ଚି କର୍ମଚାରୀ ମାନେ ନିଆଁକୁ ଆୟତ୍ତ କରିଥିଲେ । ଏ ସଂକ୍ରାନ୍ତରେ ଗାଡ଼ି ମାଲିକ ଅଶୋକ ରେଢ଼ାଖୋଲ ଥାନାରେ ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବିଭିନ୍ନ ପଣ୍ଡାଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ



ଦଶପଲ୍ଲା,(ମହାଭାରତ):ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଉପଲକ୍ଷେ ଦଶପଲ୍ଲା ଏନ୍‌ଏସି ତଥା ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଆୟୋଜିତ ଭବ୍ୟ ପୂଜୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି ।ବିଧାୟକ ଶ୍ରୀ ବେହେରା ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରି ପ୍ରଭୁ ଗଜାନନଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଏଥିସହ ସେ ପୂଜା କମିଟିର କର୍ମକର୍ତ୍ତା, ଆୟୋଜକ ଏବଂ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ସହ ଭାବ ବିନିମୟ କରିଥିଲେ । ବିଭିନ୍ନ ମଣ୍ଡପରେ ଆୟୋଜିତ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଅଂଶଗ୍ରହଣକାରୀ କଳାକାର ଓ ଯୁବପିଢ଼ିଙ୍କ ପ୍ରତିଭାକୁ ପ୍ରଶଂସା କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଗଣେଶ ପୂଜାକୁ କେନ୍ଦ୍ର କରି ଦଶପଲ୍ଲାର ଗଳିକନ୍ଦି ରଙ୍ଗବେରଙ୍ଗର ଆଲୋକମାଳା ଓ ଆକର୍ଷଣୀୟ ତୋରଣରେ ଝଲସି ଉଠିଛି । ସନ୍ଧ୍ୟା ନଇଁବା କ୍ଷଣି ପୂଜାମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ଆଧାତ୍ମିକ ପରିବେଶ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ସମଗ୍ର ଅଞ୍ଚଳକୁ ଉତ୍ସବର ନଗରୀରେ ପରିଣତ କରିଛି । କାର୍ଯ୍ୟକ୍ରମରେ ବିଧାୟକଙ୍କ ସକ୍ରିୟ ଉପସ୍ଥିତି ସ୍ଥାନୀୟ ଜନସାଧାରଣ ତଥା ଆୟୋଜକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉଦ୍ଦୀପନା ଭରିଦେଇଛି ।

## ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି:(ମହାଭାରତ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନ୍ତର୍ଗତ ମହେନ୍ଦ୍ର ତନୟା ସାହିତ୍ୟ ସଂସଦ, ପାରଳାଖେମୁଣ୍ଡି, ଗଜପତି ଶାଖା ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ଜନଜୀବନରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ସଂସଦର ସଦସ୍ୟାମାନେ ସମବେତ ଭାଗବତ ପାଠ କରିଥିଲେ । ଶ୍ରୀ ଶଶିଭୂଷଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଂସଦର ସମ୍ପାଦକ ଶ୍ରୀ ସରୋଜ କୁମାର ପଣ୍ଡା ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ତଥା ଅବସରପ୍ରାପ୍ତ ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ଭାଗବତର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି 'ଉପାନ୍ତ ପ୍ରହରୀ' ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ପାଠ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।ବର୍ତ୍ତମାନ ସମାଜରେ ଅସ୍ଥିରତା ବୃଦ୍ଧି ପାଉଛି, ତେଣୁ ସମସ୍ତେ ଭାଗବତ ପଠନ କରି ଜୀବନରେ ତାର ମୂଲ୍ୟବୋଧକୁ ଆପଣାଇବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ । ଏଥି ସହିତ ଗାଁ ଗାଁରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବାକୁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ରହିଛି ବୋଲି କହିଥିଲେ । ବକ୍ତା ପଣ୍ଡିତ ଶ୍ରୀ କୁମୁଦ ରଞ୍ଜନ ଦାଶ ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ସଂସ୍କୃତି ପ୍ରତି ତାଙ୍କର ଅବଦାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀ ନିଜ ଅଭିଭାଷଣରେ ଜଗନ୍ନାଥ ଦାସଙ୍କ ଜୀବନୀ, ଭାଗବତ ଓ ଭାଗବତ ଟୁଙ୍ଗୀର ସୁପ୍ରଭାବ ଅତୀତରେ ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହୁଥିଲା ବୋଲି ବର୍ଣ୍ଣନା କରିଥିଲେ ।ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ସଂଯୋଜନା ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ଶ୍ରୀ ରାଜେନ୍ଦ୍ର କୁମାର ରଥ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ଭାଗବତ ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମନୋଜ କୁମାର ପଣ୍ଡା ଓ ଶ୍ରୀ ରାଜେନ୍ଦ୍ର ପଢିଆରୀ ପରିଚାଳନା କରିଥିଲେ ।ଶେଷରେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ବରଦା ଆଚାର୍ଯ୍ୟ ଅତିଥିବୃନ୍ଦ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୫୦ କିମି ବେଗରେ ଦୌଡୁଥିବା ଟ୍ରେନ ନିର୍ମାଣ କରିବ ଭାରତ



ନୂଆଦିଲ୍ଲୀ: ଆଗାମୀ ଦିନରେ ଭାରତ କେବଳ ବୁଲେଟ୍ ଟ୍ରେନ୍ ଚଳାଉଥିବା ଦେଶ ହେବ ନାହିଁ, ବରଂ ହାଇସ୍ପିଡ ଟ୍ରେନ୍ ନିର୍ମାଣ ପ୍ରଯୁକ୍ତିରେ ଆତ୍ମନିର୍ଭର ହେବାକୁ ଯାଉଛି। ରେଳ ମନ୍ତ୍ରାଳୟର କ୍ୟାବିନେଟ୍ ପ୍ରସ୍ତାବ ସଂକ୍ରାନ୍ତ ସୂଚନା ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଘଣ୍ଟାପ୍ରତି ୩୫୦ କିମିରେ ଦୌଡ଼ି ପାରୁଥିବା ଟ୍ରେନ୍ (ବି୩୫)ର ବିକାଶ ଉପରେ କାର୍ଯ୍ୟ କରୁଛି। ଏହା ଜାପାନ ପକ୍ଷରୁ ପ୍ରସ୍ତୁତ ଆଗାମୀ ପିଢ଼ି ଇ୧୦ ସିରିଜ୍ ଟ୍ରେନ ସହ ସମକକ୍ଷ ହେବ।ଏକ ରିପୋର୍ଟ ଅନୁଯାୟୀ, ରେଳ ମନ୍ତ୍ରାଳୟ ପକ୍ଷରୁ କ୍ୟାବିନେଟକୁ କୁହାଯାଇଛି ଯେ ଭାରତ ବି୩୫ ଟ୍ରେନ ବିକାଶ ପ୍ରକ୍ରିୟା ଆରମ୍ଭ କରିଦେଇଛି। ଜାପାନ ୨୦୨୪ ଡିସେମ୍ବରରେ ଭାରତକୁ ଅବଗତ କରିଥିଲା ଯେ ତାଙ୍କ ଦେଶରେ ଧୀରେ ଧୀରେ ଇ୫ ଟ୍ରେନର ଉତ୍ପାଦନ ବନ୍ଦ କରାଯାଉଛି। ଜାପାନର ଯୋଜନା ଅନୁଯାୟୀ, ଇ୧୦ ଟ୍ରେନର ଉତ୍ପାଦନ ୨୦୩୦ରେ ଆରମ୍ଭ ହେବ। ୨୦୩୪ ମସିହା ବେଳକୁ ଏହା ଚଳାଚଳ କରିବ। ଭାରତ ଯେତେବେଳେ ଇ୧୦ ଟ୍ରେନ ହାସଲ କରିବ ସେତେବେଳକୁ ନିଜର ବି୩୫ ଟ୍ରେନ ନିର୍ମାଣ କରିସାରିଥିବ। ମୁମ୍ବାଇ-ଅହମଦାବାଦ ହାଇସ୍ପିଡ ରେଳ କରିଡରର ଆରମ୍ଭ ବି୨୮ ହାଇସ୍ପିଡ ଟ୍ରେନରୁ ଆରମ୍ଭ ହେବ। ଏହି ଟ୍ରେନର ଘଣ୍ଟାପ୍ରତି ସର୍ବାଧିକ ବେଗ ୨୮୦ କିମି ରହିବ। ତେବେ ହାଇସ୍ପିଡ ରେଳ କରିଡରରେ ଏହା ଘଣ୍ଟାପ୍ରତି ୨୪୯ କିମି ବେଗରେ ଚାଲିବ। ଭାରତରେ ବି୨୮ ଟ୍ରେନ ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ବିଇଏମ୍ଏଲ୍ ପାଇ ସାରିଛି। ହାଇସ୍ପିଡ୍ ଟ୍ରେନ ସହିତ ଭାରତ ସ୍ୱଦେଶୀ ଟ୍ରେନ କଣ୍ଟ୍ରୋଲ ସିଷ୍ଟମ ମଧ୍ୟ ବିକାଶ କରିବା ଯୋଜନା ରଖିଛି। ଏହା ଚୀନର ସ୍ୱଦେଶୀ ସିଟିସିଏସ୍ ପରି କାର୍ଯ୍ୟ କରିବ।

## କୁକି ଯୁବକଙ୍କୁ ଅଟକ ପ୍ରତିବାଦରେ ମଣିପୁରରେ ହିଂସାତ୍ମକ ବିକ୍ଷୋଭ, ଟାୟାର ଜାଳି ରାସ୍ତା ଅବରୋଧ



ଇମ୍ଫାଲ: ମଣିପୁରର କାଙ୍ଗପୋକପି ଜିଲ୍ଲାରେ ସୁରକ୍ଷା ବାହିନୀ ଦ୍ୱାରା ୬ ଜଣ ଗ୍ରାମବାସୀଙ୍କୁ ଅଟକ ରଖାଯିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଲୋକମାନେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ରାତିରେ ମୋଟବୁଙ୍ଗ ଏବଂ ଆଖପାଖ ଅଞ୍ଚଳରେ ଏହି ବିକ୍ଷୋଭ ଓ ହିଂସା ଜାରି ରହିଥିଲା। ଆନ୍ଦୋଳନକାରୀମାନେ ରାସ୍ତାରେ ଟାୟାର ଜାଳିବା ସହ ସରକାରୀ ଗାଡ଼ି ଉପରକୁ ପଥରମାଡ଼ କରିଥିଲେ। ବିନା କାରଣରେ ଖୋଲେନ୍ ଗ୍ରାମର ୬ ଜଣ ଯୁବକଙ୍କୁ ସୁରକ୍ଷା ବାହିନୀ ଅଟକ ରଖିଥିବା ଅଭିଯୋଗ ହୋଇଥିଲା ଏବଂ ଏହା ବିରୋଧରେ ପ୍ରାୟ ୧ ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ।

ସୂଚନାଯୋଗ୍ୟ, ନାଗାବହୁଳ ଚାଓ୍ୱାଙ୍ଗକିନିଙ୍ଗ ଗ୍ରାମ ନିକଟରେ ଥିବା ଖୋଲେନ୍ ଗ୍ରାମ ଉପରେ ନିକଟରେ ସଶସ୍ତ୍ର ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆନ୍ଦୋଳନକାରୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ସୁରକ୍ଷା ବାହିନୀ ତୁହାକୁ ତୁହା ଲୁହବୁହା ଗ୍ୟାସ୍ ସେଲ୍ ପ୍ରୟୋଗ କରିଥିଲେ। ଏଥିସହିତ ସୁରକ୍ଷା ବାହିନୀଙ୍କ ଗାଡ଼ି ଚଳାଚଳ ବନ୍ଦ କରିବା ପାଇଁ ବିକ୍ଷୋଭକାରୀମାନେ ଭାରୀ ନିର୍ମାଣ ଯନ୍ତ୍ରପାତି ବ୍ୟବହାର କରି ମୋଟବୁଙ୍ଗଠାରେ ୨ ନମ୍ବର ଜାତୀୟ ରାଜପଥର (ଇମ୍ଫାଲରୁ ଡିମାପୁର) କିଛି ଅଂଶ ଖୋଳି ଦେଇଥିଲେ। ଏହି ସଂଘର୍ଷ ଏବଂ ପ୍ରଦର୍ଶନ ସମୟରେ କିଛି ଆନ୍ଦୋଳନକାରୀ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରବର୍ତ୍ତୀ ସମୟରେ ସୁରକ୍ଷା ବାହିନୀ ଦ୍ୱାରା ଅଟକ ରଖାଯାଇଥିବା ବ୍ୟକ୍ତିଙ୍କୁ ଛାଡ଼ି ଦିଆଯିବା ପରେ ଏହି ବିକ୍ଷୋଭ ପ୍ରଦର୍ଶନ ଶେଷ ହୋଇଥିଲା। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଇଣ୍ଡିଗୋ କ୍ୟାବିନ୍ କ୍ରୁ କୈନୁର୍ ମିସ୍ତ୍ରୀ ମୃତ

ମୁମ୍ବାଇ: ମୁମ୍ବାଇରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଇଣ୍ଡିଗୋ ଏୟାରଲାଇନ୍ସର ୩୪ ବର୍ଷୀୟା କ୍ୟାବିନ୍ କ୍ରୁ'' କୈନୁର୍ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ଘରେ ରହୁଥିବା କୈନୁର୍ କର୍ତ୍ତବ୍ୟରେ ଯୋଗଦେବା ପାଇଁ ଏୟାରପୋର୍ଟ ଯାଉଥିବା ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସେ ଯାଉଥିବା ଗାଡ଼ିକୁ ସିଧାସଳଖ ଧକ୍କା ଦେଇଥିଲା। ଗାଡ଼ିର ବାମ ପାଖ ସିଟରେ ବସିଥିବା କୈନୁର୍ ଏଥିରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ କୈନୁର୍ ଜଣେ ସିଙ୍ଗଲ୍ ମଦର୍ ଥିଲେ ଏବଂ ତାଙ୍କର ୫ ବର୍ଷର ଗୋଟିଏ ସନ୍ତାନ ରହିଛି। ଏହି ଦୁର୍ଘଟଣା ପରେ ବିମାନ ସେବା ସଂସ୍ଥା ପକ୍ଷରୁ ସମସ୍ତ କ୍ୟାବ୍ ଭେଣ୍ଡରଙ୍କୁ କଡ଼ା ସାବଧାନତା ଅବଲମ୍ବନ କରିବାକୁ ଏବଂ ଗାଡ଼ି ଚାଳନା ସମୟରେ ଆବଶ୍ୟକ ସୁରକ୍ଷା ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏନସିପି ଓ ଶିବସେନା ଭଳି ହେବ କି ଟିଏମସିର ଅବସ୍ଥା ?
## ମମତା ବାନାର୍ଜୀଙ୍କ ପାଖରେ ଏବେ କେଉଁ ସବୁ ବିକଳ୍ପ ଅଛି ?



ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସ (ଝଗଡ଼) ଏବେ ଏକ ବଡ଼ ରାଜନୈତିକ ସଙ୍କଟର ସାମ୍ନା କରୁଛି। ନିର୍ବାଚନ ଆୟୋଗ ପାର୍ଟିର ନାମ ଏବଂ ନିର୍ବାଚନ ଚିହ୍ନକୁ ସ୍ଥଗିତ କରିଦେଇଛନ୍ତି। ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ୫୮ ଜଣ ଟିଏମସି ବିଧାୟକ ବିଦ୍ରୋହ କରିବା ପରେ ଦଳ ଏବଂ ନିର୍ବାଚନ ଚିହ୍ନ ଉପରେ କାହାର ନିୟନ୍ତ୍ରଣ ରହିବ, ସେ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି। ଏହି ସ୍ଥିତିକୁ ମହାରାଷ୍ଟ୍ରର ଶିବସେନା ଏବଂ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ରାଜନୈତିକ ସଙ୍କଟ ସହ ତୁଳନା କରାଯାଉଛି।

ମହାରାଷ୍ଟ୍ରରେ ଶିବସେନା ଏବଂ ଏନସିପି ସହ କ'ଣ ହୋଇଥିଲା ?

ଶିବସେନା ସଙ୍କଟ: ଜୁନ୍ ୨୦୨୨ରେ ଏକନାଥ ସିନ୍ଦେ ୪୦ରୁ ଅଧିକ ବିଧାୟକଙ୍କ ସହ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଫେବୃଆରୀ ୨୦୨୩ରେ ନିର୍ବାଚନ ଆୟୋଗ ବହୁମତ ବିଧାୟକଙ୍କ ସମର୍ଥନ ଆଧାରରେ ସିନ୍ଦେ ଗୋଷ୍ଠୀକୁ ଅସଲି ଶିବସେନା ଭାବେ ମାନ୍ୟତା ଦେଇ ଚିହ୍ନ (ଧନୁ-ତୀର) ପ୍ରଦାନ କରିଥିଲେ। ଉଦ୍ଧବ ଠାକରେ ଗୋଷ୍ଠୀକୁ 'ଶିବସେନା (ଉଦ୍ଧବ ବାଲାସାହେବ ଠାକରେ)' ନାମ ଓ ଜଳୁଥିବା ମଶାଲ ଚିହ୍ନ ମିଳିଥିଲା।

ଏନସିପି ସଙ୍କଟ: ଜୁଲାଇ ୨୦୨୩ରେ ଅଜିତ ପୱାର ନିଜ ଦାଦା ଶରଦ ପୱାରଙ୍କ ବିରୋଧରେ ବିଦ୍ରୋହ କରି ବହୁ ସଂଖ୍ୟକ ବିଧାୟକଙ୍କ ସହ ସରକାରରେ ସାମିଲ ହୋଇଥିଲେ। ଫେବୃଆରୀ ୨୦୨୪ରେ ନିର୍ବାଚନ ଆୟୋଗ ବିଧାୟକଙ୍କ ବହୁମତ ଆଧାରରେ ଅଜିତ ପୱାର ଗୋଷ୍ଠୀକୁ ଅସଲି ଏନସିପି ଭାବେ ମାନ୍ୟତା ଦେଇଥିଲେ।

ଟିଏମସି ପାଇଁ ସ୍ଥିତି କେତେ ସମାନ?

ଟିଏମସି କ୍ଷେତ୍ରରେ ମଧ୍ୟ ସଂଗଠନ, ନେତୃତ୍ୱ ଏବଂ ନିର୍ବାଚନ ଚିହ୍ନକୁ ନେଇ ଦଳ ଭିତରେ ବଡ଼ ଫାଟ ସୃଷ୍ଟି ହୋଇଛି। କେଉଁ ଗୋଷ୍ଠୀ ଆଇନଗତ ନିୟମ ଏବଂ ଦଳର ସମ୍ବିଧାନ ଅନୁସାରେ ନିଜର ଦାବି ପ୍ରମାଣିତ କରିପାରିବେ, ତାହା ହିଁ ମୁଖ୍ୟ ବିଷୟ। ମହାରାଷ୍ଟ୍ର ଘଟଣାରୁ ସ୍ପଷ୍ଟ ଯେ ଦଳ ଭାଗ ହେଲେ ଅସଲି ନାମ ଓ ଚିହ୍ନ ଅନ୍ୟ ଗୋଷ୍ଠୀ ପାଖକୁ ଯାଇପାରେ।

ମମତା ବାନାର୍ଜୀଙ୍କ ପାଖରେ ଏବେ କେଉଁ ବିକଳ୍ପ ରହିଛି ?

୧. ଆଇନଗତ ଲଢ଼େଇ : ନିର୍ବାଚନ ଆୟୋଗଙ୍କ ଅନ୍ତରୀଣ ନିଷ୍ପତ୍ତିକୁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା। ଟିଏମସି ସମ୍ବିଧାନ ଅନୁସାରେ ପଦାଧିକାରୀଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ରହିଛି, ଯାହାକୁ କୋର୍ଟରେ ଆଧାର କରାଯାଇପାରେ।

୨. ନୂଆ ନାମ ଓ ଚିହ୍ନରେ ନିର୍ବାଚନ ଲଢ଼ିବା: ଉଦ୍ଧବ ଠାକରେ ଏବଂ ଶରଦ ପୱାରଙ୍କ ଭଳି ନିର୍ବାଚନ ଆୟୋଗ ଦ୍ୱାରା ମିଳିବାକୁ ଥିବା ନୂଆ ଅନ୍ତରୀଣ ନାମ ଓ ଚିହ୍ନ ବ୍ୟବହାର କରି ନିର୍ବାଚନ ମଇଦାନକୁ ଓହ୍ଲାଇବା।

୩. କଂଗ୍ରେସ ସହ ସମ୍ପର୍କ ମଜବୁତ କରିବା: କଂଗ୍ରେସ ସହ ସ୍ଥାୟୀ ମେଣ୍ଟ କରିବା କିମ୍ବା ସମ୍ଭାବ୍ୟ ମିଶ୍ରଣ ବାଟ ବାଛିବା, ଯାହା ଦ୍ୱାରା ନିଜର ଭୋଟ ବ୍ୟାଙ୍କ ଓ ସଂଗଠନକୁ ସୁରକ୍ଷିତ ରଖାଯାଇପାରିବ।

## ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ଡାକିଲା ଅର୍ଥ ମନ୍ତ୍ରାଳୟ

ନୂଆଦିଲ୍ଲୀ: ଚଳିତମାସ ୨୮ ତାରିଖରୁ ୩ ଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଏଭଳି ସ୍ଥିତିରେ ବ୍ୟାଙ୍କ ସେବାକୁ ଯଥା ସମ୍ଭବ ଜାରି ରଖିବା ଲାଗି କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ସଂପର୍କରେ ଆଲୋଚନା ପାଇଁ ଅର୍ଥ ମନ୍ତ୍ରାଳୟ ବିଭିନ୍ନ ବ୍ୟାଙ୍କର ମୁଖ୍ୟମାନଙ୍କର ଏକ ବୈଠକ ଆସନ୍ତା ସୋମବାର ଡାକିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ (ଆଇବିଏ) ଓ ନାବାର୍ଡର ମୁଖ୍ୟମାନେ ଏଥିରେ ଯୋଗଦେବେ। ଆର୍ଥିକ ସେବା ବିଭାଗ ସଚିବ ଏହି ବୈଠକରେ ଅଧ୍ୟକ୍ଷତା କରିବେ।

ଉଲ୍ଲେଖଯୋଗ୍ୟ, ବିଭିନ୍ନ ଦାବି ପୂରଣ ପାଇଁ ୟୁଏଫ୍‌ବିୟୁ ବ୍ୟାନରରେ ୭ଟି ବ୍ୟାଙ୍କ ସଂଘ ଧର୍ମଘଟକୁ ଓହ୍ଲାଇବା ନେଇ ଡାକରା ଦେଇଛନ୍ତି। ବିଶେଷକରି ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ସେମାନଙ୍କର ଏକ ପ୍ରମୁଖ ଦାବି। ଚଳିତମାସ ୧୧ ତାରିଖରେ ସେମାନେ ଦିନିକିଆ ଦେଶବ୍ୟାପୀ ଧର୍ମଘଟ କରିଥିଲେ। ଏଥିରେ ବ୍ୟାଙ୍କିଂ ସେବା ପ୍ରଭାବିତ ହୋଇଥିଲା। ୩ ଦିନିଆ ଧର୍ମଘଟ ହେଲେ ୫ ଦିନ ପାଇଁ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବ। କାରଣ ୨୬ ତାରିଖ ଚତୁର୍ଥ ଶନିବାର ଓ ୨୭ ତାରିଖ ରବିବାର ପାଇଁ ବ୍ୟାଙ୍କ ଛୁଟି ରହିବ।

## ଭାରତର କମାଣ ସମ୍ଭାଳିବେ ଜୟଶଙ୍କର, ବିଶ୍ୱ ମଞ୍ଚରେ ରଖିବେ ଦେଶର ପକ୍ଷ




ବିଶ୍ୱ କୂଟନୀତି ଦୃଷ୍ଟିରୁ ଆଗାମୀ ସପ୍ତାହ ଭାରତ ପାଇଁ ବେଶ୍? ଗୁରୁତ୍ୱପୂର୍ଣ୍ଣ । ସେପ୍ଟେମ୍ବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ମିଳିତ ଜାତିସଂଘ ସାଧାରଣ ସଭା (ଟଘଏଇ)ର ୮୧ତମ ଅଧିବେଶନ ଅବସରରେ 'ହାଇ-ଲେଭଲ୍ ୱିକ୍' ଅନୁଷ୍ଠିତ ହେବ । ଏଥିରେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ କରିବେ ବିଦେଶ ମନ୍ତ୍ରୀ ଡ. ଏସ୍?. ଜୟଶଙ୍କର । ବିଦେଶ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଜୟଶଙ୍କର ସେପ୍ଟେମ୍ବର ୨୬ ତାରିଖ ଅପରାହ୍ନରେ ଟଘଏଇର ସାଧାରଣ ବିତର୍କରେ ଭାରତର ପକ୍ଷ ରଖିବେ। ସଂଶୋଧିତ ବକ୍ତା ତାଲିକାରେ ତାଙ୍କ ନାମ ସାମିଲ ହୋଇଛି । ବିଶ୍ୱରେ ଭୂ-ରାଜନୈତିକ ସଂଘର୍ଷ, ଆର୍ଥିକ ଚାପ ଏବଂ ଶକ୍ତି ଓ ଖାଦ୍ୟ ମୂଲ୍ୟ ସହ ଜଡ଼ିତ ଚ୍ୟାଲେଞ୍ଜ ମଧ୍ୟରେ ତାଙ୍କ ଏହି ସମ୍ବୋଧନ ହେବ । ଜୟଶଙ୍କରଙ୍କ ନ୍ୟୁୟର୍କ ଗସ୍ତ ସମୟରେ ଅନେକ ବହୁପାକ୍ଷିକ ଓ ଦ୍ୱିପାକ୍ଷିକ ବୈଠକରେ ସେ ଯୋଗଦେବେ । ତେବେ କେଉଁ କେଉଁ ଦେଶ ସହ ତାଙ୍କର ଦ୍ୱିପାକ୍ଷିକ ଆଲୋଚନା ହେବ, ସେନେଇ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇନାହିଁ ।

ଟଘଏଇର ହାଇ-ଲେଭଲ୍ ୱିକ୍ ସେପ୍ଟେମ୍ବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ସାଧାରଣ ବିତର୍କ ୨୨ରୁ ୨୬ ସେପ୍ଟେମ୍ବର ଏବଂ ପରେ ୨୮ ସେପ୍ଟେମ୍ବରରେ ଅନୁଷ୍ଠିତ ହେବ । ଏହି ସମୟରେ ବିଶ୍ୱର ବିଭିନ୍ନ ଦେଶର ଶୀର୍ଷ ନେତା ଓ ବରିଷ୍ଠ ପ୍ରତିନିଧିମାନେ ବିଶ୍ୱ ଶାନ୍ତି, ସୁରକ୍ଷା, ଆର୍ଥିକ ଚ୍ୟାଲେଞ୍ଜ, ଜଳବାୟୁ ପରିବର୍ତ୍ତନ, ମହାମାରୀ ମୁକାବିଲା ଓ ପରମାଣୁ ଅସ୍ତ୍ର ଭଳି ପ୍ରସଙ୍ଗରେ ନିଜ ମତ ରଖିବେ । ଚଳିତ ଅଧିବେଶନରେ ସମୁଦ୍ର ପତ୍ତନ ବୃଦ୍ଧିରୁ ସୃଷ୍ଟି ହେଉଥିବା ଅସ୍ତିତ୍ୱଗତ ବିପଦ, ଜଳବାୟୁ କାର୍ଯ୍ୟାନୁଷ୍ଠାନ, ମହାମାରୀ ପ୍ରତିରୋଧ ଏବଂ ପରମାଣୁ ଅସ୍ତ୍ରର ସମ୍ପୂର୍ଣ୍ଣ ଉଚ୍ଛେଦ ଭଳି ପ୍ରସଙ୍ଗ ମଧ୍ୟ ପ୍ରମୁଖ ଆଲୋଚନାରେ ରହିବ । ଏହାସହ ମିଳିତ ଜାତିସଂଘର ବର୍ତ୍ତମାନର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଏହା ଶେଷ 'ହାଇ-ଲେଭଲ୍ ୱିକ୍' ହେବ। ତାଙ୍କ କାର୍ଯ୍ୟକାଳ ଡିସେମ୍ବରରେ ଶେଷ ହେବ ।

## ଦିଲ୍ଲୀ ଗଣବଳାତ୍କାରକୁ ନେଇ ବର୍ଷିଲେ ରାହୁଲ-ପ୍ରିୟଙ୍କା, ପୋଲିସକୁ ଟାର୍ଗେଟ୍ କରିଲେ



ନୂଆଦିଲ୍ଲୀ,୨୦।୯: ଦିଲ୍ଲୀର ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କୁ ପ୍ରଥମେ ବଳାତ୍କାର ଏବଂ ପରେ ନିର୍ମମ ଭାବରେ ହତ୍ୟା କରାଯାଇଛି। ଏହି ମାମଲାରେ ପୋଲିସ ୧୯ ବର୍ଷୀୟ ଯୁବକ ଶିବମ ଗଣେଶ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ତିନି ଜଣ ନାବାଳକ। ଡାକ୍ତରୀ ରିପୋର୍ଟ ଗଣବଳାତ୍କାରକୁ ସ୍ପଷ୍ଟ କରିଛି। ଏହି ସମୟରେ କଂଗ୍ରେସ ଦଳ ଏହି ମାମଲାରେ ଦିଲ୍ଲୀ ପୋଲିସକୁ ଟାର୍ଗେଟ୍? କରିଛି।

କଂଗ୍ରେସ ଏମ୍?ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ମହିଳା ସୁରକ୍ଷା ପାଇଁ ଦିଲ୍ଲୀ ପୋଲିସକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ଦିଲ୍ଲୀରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଗଣବଳାତ୍କାର, ହତ୍ୟା ଏବଂ ତାଙ୍କ ମୃତଦେହକୁ ଖୋଲା ପଡ଼ିଆରେ ଫିଙ୍ଗି ଦିଆଯାଇଥିଲା।। ରାଜଧାନୀରେ ଏପରି ଜଘନ୍ୟ ଅପରାଧ ଘଟୁଛି ଏବଂ ପୋଲିସ ଦିନଦିନ ପର୍ଯ୍ୟନ୍ତ ଅଜଣା ରହୁଛି।

ରାହୁଲ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ଦିଲ୍ଲୀ ଆଉ ରାଜଧାନୀ ନୁହେଁ, ବରଂ ମହିଳାମାନଙ୍କ ପାଇଁ ଏକ ପ୍ରତିଦିନ ଭୟଙ୍କର କାହାଣୀ। ସେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଆକ୍ରମଣ କରି କହିଛନ୍ତି, ଅମିତ ଶାହା ଜୀ, ଦିଲ୍ଲୀ ପୋଲିସ ଆପଣଙ୍କ ନିୟନ୍ତ୍ରଣରେ ଅଛି। ମହିଳାଙ୍କ ସୁରକ୍ଷା ପାଇଁ କିଏ ଦାୟୀ?

ରାହୁଲ ଆହୁରି ମଧ୍ୟ କହିଛନ୍ତି, ଦିଲ୍ଲୀ ପୋଲିସର କାମ କ'ଣ ସାଧାରଣ ନାଗରିକଙ୍କୁ ଭୟଭୀତ କରିବା ପର୍ଯ୍ୟନ୍ତ ସୀମିତ ? କାରଣ ଅପରାଧୀମାନେ ମୁକ୍ତ ଭାବରେ ବୁଲୁଛନ୍ତି। ସେ ଅଭିଯୁକ୍ତଙ୍କ ପାଇଁ କଠୋରତମ ଦଣ୍ଡ ଦାବି କରି କହିଥିଲେ ଯେ ମହିଳା ସୁରକ୍ଷା ବିନା ଭାରତ ପ୍ରଗତି କରିପାରିବ ନାହିଁ।

ସେହିପରି କଂଗ୍ରେସ ଏମ୍?ପି ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏକ ବିବୃତ୍ତି ଜାରି କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି ଯେ, ଦିଲ୍ଲୀରେ ନାବାଳିକାଙ୍କୁ ସମସ୍ତ ପ୍ରକାରର ନିର୍ମମତାର ଶିକାର କରାଯାଇଥିଲା ଏବଂ ପରେ ତାଙ୍କୁ ବୀଭତ୍ସ କରାଯାଇଥିଲା। ସେ ଆହୁରି କହିଛନ୍ତି, କିଛି ଦିନ ପୂର୍ବରୁ ଆଉ ଏକ ନାବାଳିକାଙ୍କ ବଳାତ୍କାର ବି କରାଯାଇଥିଲା।

ପ୍ରିୟଙ୍କା କହିଛନ୍ତି, ଦେଶରେ ମହିଳା ସୁରକ୍ଷା ପାଇଁ କେହି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି। ସେ କହିଛନ୍ତି, ମହିଳା ବିକାଶ ବିଷୟରେ କେବଳ ଖାଲି କଥା କୁହାଯାଏ। ଶହଶହ ମହିଳା ଅତ୍ୟାଚାର ଏବଂ ହିଂସାର ଶିକାର ହୁଅନ୍ତି, କିନ୍ତୁ ସେମାନେ ଅପରାଧୀଙ୍କ ବିରୋଧରେ ଠୋସ୍? କାର୍ଯ୍ୟାନୁଷ୍ଠାନ ଆଶା କରିପାରିବେ ନାହିଁ । ଏଫ୍?ଆଇଆର ମଧ୍ୟ ରେଜିଷ୍ଟ୍ରେଶନ ହୁଏ ନାହିଁ। ସେ କହିଛନ୍ତି, ସମାଜ ଏବଂ ସରକାର ଉଭୟ ମହିଳାଙ୍କୁ ସୁରକ୍ଷା, ସ୍ୱାଧୀନତା ଏବଂ ସମାନତାର ଅଧିକାର ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

# ଏସୀୟ କ୍ରୀଡା କ୍ରିକେଟ୍ ଫାଇନାଲ୍‌ରେ ଭାରତ-ଶ୍ରୀଲଙ୍କା

## ଟ୍ୱେଣ୍ଟି-୨୦ରେ ଶେଫାଳିଙ୍କ ପ୍ରଥମ ଶତକ

ନିଶିନ: ଶେଫାଳି ବର୍ମାଙ୍କ ପ୍ରଥମ ଟ୍ୱେଣ୍ଟି-୨୦ ଶତକ ସାଙ୍ଗକୁ ବୋଲରଙ୍କ ଚମତ୍କାର ବୋଲିଂ ବଳରେ ଭାରତ ୧୧୪ ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ଚଳିତ ଏସୀୟ କ୍ରୀଡା ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ରବିବାର ପ୍ରଥମ ସେମିଫାଇନାଲ୍‌ରେ ଶ୍ରୀଲଙ୍କା ୮ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି। ଫଳରେ ୨୦୨୩ ହାଙ୍ଗଝୋ ସଂସ୍କରଣ ପରି ପୁଣିଥରେ ଭାରତ-ଶ୍ରୀଲଙ୍କା ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ। ଗତ ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଭାରତ ବିଜେତା ହୋଇଥିଲା।



ରବିବାର ସ୍ଥାନୀୟ କୋରୋଗି ସ୍ପାର୍ଟ୍ସ ପାର୍କରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଶେଫାଳିଙ୍କ ୪୯ ବଲ୍‌ରୁ ଅପରାଜିତ ୧୦୦ଞ୍ଚ ରନ୍ (୩ ଚୌକା, ୯ ଛକା) ବଳରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ୧୯୫/୪ କରିଥିଲା। ସ୍ମୃତି ମନ୍ଧାନା (୩୭, ୧୯ ବଲ୍, ୫ ଚୌକା, ୨ ଛକା) ଓ ଶେଫାଳି ପ୍ରଥମ ୱିକେଟ୍‌ରେ ୬ ଓଭରରେ ୭୨ ରନ୍ ଯୋଡ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ୩୦ ବର୍ଷୀୟା ସ୍ମୃତି ଏହି ମ୍ୟାଚ୍‌ରେ ୮ ରନ୍ କରିବା ପରେ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସର୍ବାଧିକ ରନ୍ କରିବାରେ ନ୍ୟୁଜିଲାଣ୍ଡ ସୁଜି ବେଟ୍ସ (୪,୭୫୮ ରନ୍, ୧୭୮ ପାଳି)ଙ୍କ ରେକର୍ଡକୁ ପଛରେ ପକାଇଥିଲେ। ଏହି ଭାରତୀୟ ଉପଅଧିନାୟିକା ୧୭୮ ମ୍ୟାଚ୍‌ରେ ୧୭୧ ପାଳି ଖେଳି ୨ ଶତକ ଓ ୩୬ ଅର୍ଦ୍ଧଶତକ ସହାୟତାରେ ୪,୭୮୮ ରନ୍ କରିଛନ୍ତି। ସେ ମଧ୍ୟ ଏହି ମ୍ୟାଚ୍‌ରେ ଛକାରେ ଶତକ ପୂରଣ କରିଥିଲେ। ଶେଫାଳି (୧୦୪ ଛକା) ବି ଏହି ମ୍ୟାଚ୍‌ରେ ନିଜ ଛକା ସଂଖ୍ୟା ୧୦୦ ପାର୍ କରିଥିଲେ। ଏଥିସହ ଭାରତୀୟ ଭାବେ ସର୍ବାଧିକ ଛକା ମାରିବାରେ ସ୍ମୃତିଙ୍କୁ ପଛରେ ପକାଇଥିଲେ।

ସ୍ମୃତିଙ୍କ ଆଉଟ୍ ପରେ ଜି କମଳିନୀ (୧୦ ବଲ୍‌ରୁ ୩) ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ତୃତୀୟ ୱିକେଟ୍‌ରେ ଶେଫାଳି ଓ ଅଧିନାୟିକା ହର୍ମନପ୍ରୀତ କେର (୪୦, ୩୩ ବଲ୍, ୬ ଚୌକା) ୯୪ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। ହର୍ମନପ୍ରୀତଙ୍କ ଷ୍ଟମ୍ପସ ହେବା ପର ଓଭରରେ ରିଚା ଘୋଷ (୨) ଆଉଟ ହୋଇଥିଲେ। ଜି କମଳିନୀ ୫ ବଲ୍‌ରୁ ୯ ରନ୍‌ରେ ଅପରାଜିତ ରହିଥିଲା ବେଳେ ଶେଫାଳି ଶେଷ ବଲ୍‌ରେ ୧ ରନ୍ ନେଇ ନିଜର ଶତକ ପୂରଣ କରିଥିଲେ। ଜବାବରେ ବାଂଲାଦେଶ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୫.୪ ଓଭରରେ ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ଦିଲାରା ଅଖ୍ତର (୨୭)ଙ୍କ ସହ ଶର୍ମିନ ଅଖ୍ତର (୧୦) ଓ ସୁଲତାନା ଖାତୁନ (୧୨) କେବଳ ଦୁଇଅଙ୍କ ଛୁଇଁବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ ନନ୍ଦନୀ ଶର୍ମା ଓ ଦୀପ୍ତି ଶର୍ମା ୩ ଲେଖାଏଁ, ଶ୍ରୀ ଚରଣୀ ୨ ଓ କ୍ରାନ୍ତି ଗେଡ ଓ ଶ୍ରୀୟଙ୍କା ପାଟିଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଏମ୍‌ଏମ୍‌ଏ ପଦାର୍ପଣରେ ଐତିହାସିକ ପଦକ ପକ୍କା କଲେ ସୁଚିକା

ନୂଆଦିଲ୍ଲୀ, ୨୦।୯: ଆଇଚି-ନାଗୋୟା ଏସୀୟ କ୍ରୀଡାରେ ପଦାର୍ପଣ କରିଥିବା ପାରମ୍ପରିକ ମିଶ୍ରିତ ସମରକଳା (ଏମ୍‌ଏମ୍‌ଏ)ରେ ପଦକ ପକ୍କା କରି ଭାରତର ସୁଚିକା ତାରିୟାଲ ଦେଶ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। ମହିଳା ୬୦ କିଲୋଗ୍ରାମ କ୍ୱାର୍ଟରଫାଇନାଲ୍‌ରେ ୩୬ ବର୍ଷୀୟା ସୁଚିକା ୨-୦ରେ ୟୁରୋସିଆରେ ୯୨ତମ ସ୍ଥାନରେ ଥିବା ମଙ୍ଗୋଲିଆର ଅଲଟାଙ୍ଗି ମେଗ ବାଇଗାଲମାଙ୍କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେମିଫାଇନାଲ୍ ପରାଜିତ ଖେଳାଳିଙ୍କ ପାଇଁ କାଂସ୍ୟ ପଦକ ନିଶ୍ଚିତ ରହିଛି।



ତେଣୁ ସୋମବାର ସେମିଫାଇନାଲ୍ ଖେଳିବା ପୂର୍ବରୁ ତାଙ୍କର ଅତିକମ୍‌ରେ କାଂସ୍ୟ ପଦକ ପକ୍କା ହୋଇଛି। ସୁଚିକାଙ୍କ ଏହି ସଫଳତା ତାଙ୍କର ବିଭିନ୍ନ ଯୁଦ୍ଧ କ୍ରୀଡା ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡ଼ିଛି। ୨୦୨୪ ଜି-ଜିତ୍ସୁ ବିଶ୍ୱ ବିଜୟିନୀ ସୁଚିକା ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡା ଜୁଡା ଏବଂ ୨୦୨୩ ଏସୀୟ କ୍ରୀଡ଼ାରେ କୁରାଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ପରେ କିଛି ଦିନ ବିରତି ପରେ ସାଙ୍ଗମାନଙ୍କ ପ୍ରୋତ୍ସାହନରେ ପୁଣି ଥରେ କ୍ରୀଡା ପ୍ରତିଯୋଗିତାକୁ ଫେରି ଏମ୍‌ଏମ୍‌ଏକୁ ବାଛିଥିଲେ। ଏଥିରେ ଆଣ୍ଠୁ ଆଘାତ ସହିତ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏସୀୟ କ୍ରୀଡା ଦଳରେ ସ୍ଥାନ ପାଇବାକୁ ସକ୍ଷମ ହୋଇଥିଲେ।

# ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ଭାରତୀୟ ମହିଳା

ନୂଆଦିଲ୍ଲୀ, ୨୮।୯: ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ୍ ଦଳ ଚଳିତ ଏସିଆ କ୍ରୀଡା କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପିଭି ସିନ୍ଧୁ, ଉନ୍ନତି ହୁଡା ଓ ତନ୍ୱୀ ଶର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ୩-୦ରେ କାଜାଖସ୍ତାନକୁ ପରାସ୍ତ କରିଛି। ୨ ଅଲିମ୍ପିକ୍ ପଦକ ବିଜୟିନୀ ସିନ୍ଧୁ



ସିଧାସଳଖ ୨୧-୭, ୨୧-୯ ଗେମ୍‌ରେ କାମିଲା ସ୍ମାଗୁଲୋଭାଙ୍କୁ ହରାଇ ଭାରତକୁ ପ୍ରଥମ ବିଜୟ ଦେଇଥିଲେ। ଏହାପରେ ଉନ୍ନତି ୨୧-୭, ୨୧-୧୦ରେ ଆଲିସା କୁଲେଶୋଭାଙ୍କୁ ଏବଂ ଶେଷରେ ତନ୍ୱୀ ଶର୍ମା ୨୧-୫, ୨୧-୧୦ରେ ଡିଆନା ନାମେନୋଭାଙ୍କୁ ପରାସ୍ତ କରି ଦଳକୁ ୩-୦ ବିଜୟ ଭେଟି ଦେଇଥଲେ। କ୍ୱାର୍ଟରଫାଇନାଲ୍‌ରେ ଭାରତ ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଜାପାନକୁ ସୋମବାର ଭେଟିବ।

# ୧୦୦ ମିଟର ବ୍ୟାକଷ୍ଟ୍ରୋକ୍ : ରଷଭ ଷଷ୍ଠ

ଟୋକିଓ: ଭାରତୀୟ ସ୍ୱିମର ରଷଭ ଦାସ ଚଳିତ ଏସୀୟ କ୍ରୀଡାରେ ରବିବାର ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ହେଲେ ଏସୀୟ କ୍ରୀଡାରେ ପଦାର୍ପଣକାରୀ କର୍ଣ୍ଣାଟକରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଓଡିଆ ପୁଅ ରଷଭ ଷଷ୍ଠ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଛନ୍ତି। ୮ ଜଣିଆ ଫାଇନାଲ୍‌ରେ ୧୯ ବର୍ଷୀୟ ଏହି ଭାରତୀୟ ସ୍ୱିମର ୫୪.୭୭ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଏସୀୟ ରେକର୍ଡଧାରୀ ଚୀନ୍‌ର ଜୁ ଜିଆୟୁ (୫୧.୯୮ ସେକେଣ୍ଡ) ସ୍ୱର୍ଣ୍ଣ ଜିତିଥିଲା ବେଳେ ଜାପାନର ହିଦେକାଜୁ ତାକେହାରା ରେପ୍ୟ ଏବଂ ଦକ୍ଷିଣ କୋରିଆର ଜୁହୋ ଲି କାଂସ୍ୟ ପାଇଥିଲେ।

ଯୋଗ୍ୟତା ପର୍ଯ୍ୟାୟରେ ରଷଭ ରେସ୍‌କୁ ୫୪.୮୫ ସେକେଣ୍ଡରେ ଶେଷ କରି ମୋଟ ଉପରେ ପଞ୍ଚମ ସ୍ଥାନରେ ରହି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ। ହିଟ୍‌ରେ ଦ୍ୱିତୀୟ ସ୍ଥାନରେ ଥିବା ତାକେହାରାଙ୍କଠୁ ୦.୬୩ ସେକେଣ୍ଡ ଏବଂ ଶୀର୍ଷରେ ଥିବା ଜିଆୟୁ (୫୨.୬୩ ସେକେଣ୍ଡ)ଙ୍କଠୁ ୨.୨୨ ସେକେଣ୍ଡ ପଛରେ ରହିଥିଲେ। ତେବେ ଆଉ ଜଣେ ଭାରତୀୟ ସ୍ୱିମର ଉତ୍କର୍ଷ ପାଟିଲ (୫୬.୧୯ ସେକେଣ୍ଡ) ଦ୍ୱାଦଶ ସ୍ଥାନରେ ରହି ଫାଇନାଲ୍‌ରେ ପହଞ୍ଚି ପାରି ନଥିଲେ। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ବେନେଡିକ୍‌ସନ ବେନିଷ୍ଟନ (୫୦.୨୫) ଦ୍ୱାଦଶ ଏବଂ ଆକାଶ ମଣି (୫୦.୮୫) ୨୩ତମ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି।

## ଭାରତ ଗସ୍ତ ଲାଗି ଇଣ୍ଡିଜ୍ ଦଳ ଘୋଷିତ

ନୂଆଦିଲ୍ଲୀ:ଭାରତ ବିପକ୍ଷ ଧଳାବଲ୍ (୩ ଦିନିକିଆ ଓ ୫ ଟ୍ୱେଣ୍ଟି-୨୦) କ୍ରିକେଟ୍ ଶୃଙ୍ଖଳା ଲାଗି ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଦଳ ଘୋଷିତ ହୋଇଛି। ଦଳର ନେତୃତ୍ୱ ଭାର ସାଇ ହୋପ୍‌ଙ୍କ କାନ୍ଧରେ ରହିଛି। ତେବେ ତାରକା ଅଲରାଉଣ୍ଡର ଜାସନ୍ ହୋଲଡରଙ୍କୁ ଏହି ଶୃଙ୍ଖଳାରେ ବିଶ୍ରାମ ଦିଆଯାଇଥିଲା ବେଳେ ସିମ୍ରନ ହେଟ୍‌ମାୟର କେବଳ ଟ୍ୱେଣ୍ଟି-୨୦ ଦଳରେ ରହିଛନ୍ତି। ହେଟ୍‌ମାୟର ଆହତ ଥିବାରୁ ସେ ଦଳ ସହ ଟ୍ୱେଣ୍ଟି-୨୦ ଶୃଙ୍ଖଳା ବେଳେ ଯୋଗଦେବେ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ୱେଷ୍ଟଇଣ୍ଡିଜ୍ ଦଳ ୨୧ରେ ଭାରତ ପହଞ୍ଚିବା ପରେ ସେପ୍ଟେମ୍ବର ୨୭ରେ ଘରୋଇ ଦଳ ବିପକ୍ଷରେ ପ୍ରଥମ ଦିନିକିଆ ତିରୁଅନନ୍ତପୁରମ୍‌ରେ ଖେଳିବ। ଏହାପରେ ଗୁଆହାଟୀ (ସେପ୍ଟେମ୍ବର ୩୦), ନ୍ୟୁଚଣ୍ଡିଗଡ (ଅକ୍ଟୋବର ୩)ରେ ଦୁଇଟି ଦିନିକିଆ ଖେଳିବ। ଟ୍ୱେଣ୍ଟି-୨୦ ଶୃଙ୍ଖଳା ଅକ୍ଟୋବର ୬, ୯, ୧୧, ୧୪ ଓ ୧୭ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ଖେଳାଯିବ। ଅଧିନାୟକ ସାଇ ହୋପ୍: ଦିନିକିଆ ଦଳ: ସାଇ ହୋପ୍ (ଅଧିନାୟକ), ଜେୱେଲ ଆଣ୍ଡ୍ରିଉ, ଜନ୍ କାମ୍ପବେଲ, କାସି କାର୍ଟି, ରସ୍ତନ ଚେଜ୍, ମାଥ୍ୟୁ ଫୋର୍ଡେ, ଜଷ୍ଟିନ୍ ଗ୍ରେଭ୍‌ସ, ଅମୀର ଜାଙ୍ଗୁ, ଅଲଜାରି ଯୋଶେଫ, ଶାମର ଯୋଶେଫ, ଭିଟେଲ ଲୱେଜ୍, ଗୁଡକେଶ ମୋତି, କୀମୋ ପଲ୍, ଶେର୍ଫାନେ ରଦରଫୋର୍ଡ, ଜୟଦେନ ସିଲ୍‌ସ। ଟ୍ୱେଣ୍ଟି-୨୦ ଦଳ: ସାଇ ହୋପ୍ (ଅଧିନାୟକ), ଜେୱେଲ ଆଣ୍ଡ୍ରିଉ, ରସ୍ତନ ଚେଜ୍, ମାଥ୍ୟୁ ଫୋର୍ଡେ, ସିମ୍ରନ ହେଟ୍‌ମାୟର, ଅକିଲ ହୁସେନ, ଶାମର ଯୋଶେଫ, ଗୁଡକେଶ ମୋତି, କୀମୋ ପଲ୍, କାମିଲ ପୂରନ, ରୋଭମାନ ପାୱେଲ, ଶେର୍ଫାନେ ରଦରଫୋର୍ଡ, କ୍ୱିଣ୍ଟିନ ସାମ୍ପସନ୍, ରୋମାରିଓ ଶେଫର୍ଡ, ଶାମର ସ୍ପ୍ରିଙ୍ଗର।

# ହକି : ମହିଳା ଓ ପୁରୁଷ ହକି ଦଳ ଜିତିଲେ







ଟୋକିଓ : ମହିଳା ଦଳ ଭଳି ପୁରୁଷ ହକି ଦଳ ବି ବିଜୟରୁ ଏସୀୟ କ୍ରୀଡା ଅଭିଯାନ ଆରମ୍ଭ କରିଛି। ରବିବାର ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ଭରାତ ୧୩-୧ ଗୋଲ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଦିଲପ୍ରୀତ ସିଂହ ୪ ଗୋଲ୍ କରିଥିଲା ବେଳେ ଶିଳାନନ୍ଦ ଲାକ୍ରା ଓ ସୁଖଜିତ ସିଂହ ଯୁଗଳ ସଫଳତା ପାଇଥିଲେ। ଓଡିଆ ପୁଅ ଶିଳାନନ୍ଦ (୬ ମିନିଟ୍)ଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା।

ଏହାପରେ ଅଭିଷେକ (୧୨ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ପ୍ରଥମ କ୍ୱାର୍ଟରକୁ ୨-୦ରେ ଶେଷ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଏହି ଦଳ ୫ ଗୋଲ୍ ଲଦି ଥିଲା। ଦିଲପ୍ରିତ (୧୮, ୧୯ ମିନିଟ୍) ଲଗାତାର ୨ଟି ଏବଂ ରାଜିନ୍ଦର ସିଂହ (୧୯ ମିନିଟ୍), ମନଦୀପ ସିଂହ (୨୧ ମିନିଟ୍) ଓ ହର୍ମନପ୍ରୀତ (୨୮ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ତୃତୀୟ କ୍ୱାର୍ଟରରେ ଇଣ୍ଡୋନେସିଆ ଅଧିନାୟକ ଅଲ୍ ଆରଧ ଆଉଲିଆ (୩୩ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେଇଥିଲେ। ଏହାପରେ ଶିଳାନନ୍ଦ (୩୫ ମିନିଟ୍), ଦିଲପ୍ରୀତ (୩୭ ମିନିଟ୍) ଓ ସୁଖଜିତ (୩୮ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରି ଦଳକୁ ୧୦-୧ରେ ଆଗରେ ରଖିଥିଲେ। ଶେଷ କ୍ୱାର୍ଟରରେ ଯୁଗରାଜ ସିଂହ (୪୭ ମିନିଟ୍), ସୁଖଜିତ (୪୮ ମିନିଟ୍) ଓ ଦିଲପ୍ରୀତ (୪୯ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଭାରତ ମଙ୍ଗଳବାର ପରବର୍ତ୍ତୀ ପୁଲ-ଏ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ।

କାକାମିଗାହାରା:ଭାରତୀୟ ମହିଳା ହକି ଦଳର ଚଳିତ ଏସୀୟ କ୍ରୀଡାରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ପୁଲ୍-ବି'ର ନିଜର ପ୍ରଥମ ମ୍ୟାଚରେ ଭାରତ ୧୯-୦ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଦୁଇ ଦଳ ପ୍ରଥମ ଥର ମୁହାଁମୁହିଁ ହୋଇଥିଲା ବେଳେ ଏସିଆଡ୍‌ରେ ଭାରତ ସର୍ବବୃହତ୍ ବ୍ୟବଧାନ ବିଜୟ ରେକର୍ଡର ନିକଟତର ହୋଇଥିଲା। ଭାରତ ପକ୍ଷରୁ ଦୀପିକା କୁମାରୀ ୮ ଗୋଲ୍ ଦେଇଥିଲା ବେଳେ ଈଶିକା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ନବନୀତ କେର ଓ ଲାଲଥାନ୍ତଲୁଆଙ୍ଗି ୨ଟି ଲେଖାଏଁ ଏବଂ ଲାଲରେମସିଆମି, ବଳଜିତ କେର, ନେହା ଓ ସାକ୍ଷୀ ରାଣା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

ଷଷ୍ଠ ମିନିଟ୍‌ରେ ଲାଲରେମସିଆମ୍‌ଙ୍କ ଫିଲ୍ଡ ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦୀପିକା, ଈଶିକା ଓ ବଳଜିତ ଗୋଟିଏ ଲେଖାଏଁ ଫିଲ୍ଡ ଗୋଲ୍ ଦେଇ ଦଳକୁ ପ୍ରଥମ କ୍ୱାର୍ଟରରେ ୪-୦ରେ ଆଗରେ ରଖିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ନେହା, ନବନୀତଙ୍କ ଫିଲ୍ଡ ଏବଂ ଦୀପିକାଙ୍କୁ ଯୁଗଳ ପେନାଲ୍ଟି କର୍ଣ୍ଣର ଗୋଲ୍ ବଳରେ ଭାରତ ସ୍ଥିତି ୮-୦ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ୮ ଗୋଲ୍ ଲଦି ୧୬-୦ରେ ଅଗ୍ରଣୀ ନେଇଥିଲା। ଏହି କ୍ୱାର୍ଟରରେ ଦୀପିକା ୪ଟି ଓ ଲାଲଥାନ୍ତଲୁଆଙ୍ଗି ଗୋଟିଏ ପେନାଲ୍ଟି କର୍ଣ୍ଣର ଗୋଲ୍ କରିଥିଲା ବେଳେ ଈଶିକା, ସାକ୍ଷୀ ଓ ନବନୀତ ଗୋଟିଏ ଲେଖାଏଁ ଫିଲ୍ଡ ଗୋଲ୍ ଦେଇଥିଲେ। ଶେଷ କ୍ୱାର୍ଟରରେ ଲାଲଥାନ୍ତଲୁଆଙ୍ଗି ପେନାଲ୍ଟି ସୁଟ୍ ଗୋଲ୍ ଦେଇଥିଲା ବେଳେ ଈଶିକା ଓ ଦୀପିକା ଫିଲ୍ଡଗୋଲ୍ କରିଥିଲେ। ଭାରତ ସୋମବାର ପରବର୍ତ୍ତୀ ମ୍ୟାଚ୍ ଇଣ୍ଡୋନେସିଆ ବିପକ୍ଷରେ ଖେଳିବ।

# ଟେଷ୍ଟ, ଦିନିକିଆ ଓ ଟି୨୦ ବ୍ୟାଟିଂ ମାନ୍ୟତାରେ ଭାରତୀୟଙ୍କ ଦବ୍‌ଦବା

ନୂଆଦିଲ୍ଲୀ, ୨୦।୦୯ : ରନ୍ କରିବା ସହ ବ୍ୟାଟରଙ୍କ ପ୍ରକୃତ ପରିଚୟ ସେତେବେଳେ ତିଆରି ହୁଏ, ଯେତେବେଳେ ବିଶ୍ୱର ଅନ୍ୟ ବ୍ୟାଟରଙ୍କୁ ପଛରେ ପକାଇ ରାଙ୍କିଙ୍ଗର ଶୀର୍ଷରେ ସେମାନେ ପହଞ୍ଚନ୍ତି। ବର୍ତ୍ତମାନ ଟେଷ୍ଟ, ଦିନିକିଆ ଓ ଟି୨୦ ଆନ୍ତର୍ଜାତୀୟ ରାଙ୍କିଙ୍ଗ୍ ଉପରେ ନଜର ପକାଇଲେ ତିନିଟି ଫର୍ମାଟରେ ତିନିଜଣ ଭିନ୍ନ ବ୍ୟାଟର ନମ୍ବର-୧ ସ୍ଥାନରେ ଅଛନ୍ତି। ଖାସ୍ କଥା ହେଉଛି, ଏହି ତିନିଟି ଫର୍ମାଟ୍ ମଧ୍ୟରୁ ଦୁଇଟିରେ ଭାରତୀୟ ବ୍ୟାଟର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଦିନିକିଆରେ ଶୁଭମନ ଗିଲ୍ ଏବଂ ଟି୨୦ଓ ରେ ଈଶାନ କିଶନ ନମ୍ବର-୧ ବ୍ୟାଟର ଅଛନ୍ତି। ଅନ୍ୟପଟେ ଟେଷ୍ଟରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ ଶୀର୍ଷ ସ୍ଥାନରେ ଅଛନ୍ତି।



ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ ନମ୍ବର-୧ ବ୍ୟାଟର ଭାବେ ରହିଛନ୍ତି। ଅଗଷ୍ଟରେ ସେ ପୁଣିଥରେ ଟେଷ୍ଟ ରାଙ୍କିଙ୍ଗର ଶୀର୍ଷ ସ୍ଥାନ ହାସଲ କରିଥିଲେ। ବ୍ରୁକ ଙ୍କ ପରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଏବଂ ଇଂଲଣ୍ଡର ଜୋ ରୁଟ୍ ରହିଛନ୍ତି। ଏହା ପୂର୍ବରୁ ମଧ୍ୟ ବ୍ରୁକ୍ ଟେଷ୍ଟ ରାଙ୍କିଙ୍ଗରେ ନମ୍ବର-୧ ସ୍ଥାନ ହାସଲ କରିସାରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ସେ ଏହି ଶୀର୍ଷ ସ୍ଥାନକୁ ଫେରିଛନ୍ତି।

ଦିନିକିଆରେ ଶୁଭମନ ଗିଲ୍ ନମ୍ବର-୧ :ଦିନିକିଆ ଫର୍ମାଟରେ ଭାରତର ଶୁଭମନ ଗିଲ୍ ନମ୍ବର-୧ ବ୍ୟାଟର ଭାବେ ରହିଛନ୍ତି। ଜୁଲାଇ ଶେଷ ଆଡ଼କୁ ଗିଲ୍ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏହାପରେ ମଧ୍ୟ ସେ ନମ୍ବର-୧ ସ୍ଥାନରେ ନିଜ ଦବଦବା ବଜାୟ ରଖିଛନ୍ତି। ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ମଧ୍ୟ ଦିନିକିଆର ଶୀର୍ଷ ରାଙ୍କିଙ୍ଗ୍‌ରେ ସ୍ଥାନ ପାଇଛନ୍ତି। ଫଳରେ ଟପ୍ ରାଙ୍କିଙ୍ଗରେ ଭାରତୀୟ ବ୍ୟାଟରଙ୍କ ଉପସ୍ଥିତି ଜାରି ରହିଛି।

ଟି୨୦ଓ ଫର୍ମାଟରେ ଭାରତର ଈଶାନ କିଶନ ନମ୍ବର-୧ ବ୍ୟାଟର ଅଛନ୍ତି। ଜୁଲାଇରେ ଈଶାନ କିଶନ ଭାରତର ଅଭିଷେକ ଶର୍ମାଙ୍କୁ ପଛରେ ପକାଇ ପ୍ରଥମ ଥର ପାଇଁ ଟି୨୦ଓ ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ବର୍ତ୍ତମାନ ମଧ୍ୟ ସେ ନମ୍ବର-୧ ସ୍ଥାନରେ ରହିଛନ୍ତି। ଅଭିଷେକ ଶର୍ମା ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଦୁଇ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ୫୧ ରେଟିଂ ପଏଣ୍ଟର ଫରକ ରହିଛି।

ବର୍ତ୍ତମାନର ରାଙ୍କିଙ୍ଗ୍ ଅନୁସାରେ ଟେଷ୍ଟରେ ହ୍ୟାରି ବ୍ରୁକ୍, ଦିନିକିଆରେ ଶୁଭମନ ଗିଲ୍ ଏବଂ ଟି୨୦ଓରେ ଈଶାନ କିଶନ ନମ୍ବର-୧ ବ୍ୟାଟର ଅଛନ୍ତି। ଅର୍ଥାତ୍ ତିନୋଟି ଫର୍ମାଟ୍ ମଧ୍ୟରୁ ଟେଷ୍ଟକୁ ଛାଡ଼ି ଦିନିକିଆ ଓ ଟି୨୦ଓର ଶୀର୍ଷ ସ୍ଥାନ ଦୁଇ ଭାରତୀୟ ବ୍ୟାଟରଙ୍କ ଦଖଲରେ ରହିଛି। ଏହା ସହ ଦିନିକିଆର ଟପ୍ ରାଙ୍କିଙ୍ଗ୍‌ରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ମଧ୍ୟ ଭାରତୀୟ ବ୍ୟାଟିଂର ଗଭୀରତାକୁ ଦର୍ଶାଉଛି।

# ଟେବୁଲ୍‌ରେ ଅଳ୍ପକେ ୨ କାଂସ୍ୟ ହାତଛଡା

ନାଗୋୟା: ଚଳିତ ଏସୀୟ କ୍ରୀଡାରେ ରବିବାର ଟେବୁଲ୍‌ରେ ଦୁଇଟି କାଂସ୍ୟ (ମହିଳା ଏକକ ଓ ମିଶ୍ରିତ ଯୁଗଳ) ଅଳ୍ପକେ ହାତଛଡା ହୋଇଛି। ମହିଳା ଏକକ ସେମିଫାଇନାଲ୍‌ରେ ହାରି କାଂସ୍ୟ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିବା ଭାରତର କ୍ରିମ୍‌ସି ଡିସେଜା କଡା ସଂଘର୍ଷ କରି ୦-୨ (୧୧-୧୨, ୧୧-୧୨)ରେ ବିଶ୍ୱର ୭ ନମ୍ବର ୟୁଇନା ସାକାମୋଟୋଙ୍କଠୁ ହାରି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ଏହା ପୂର୍ବରୁ ମିଶ୍ରିତ ଯୁଗଳରେ ଏହି ମୁମ୍ବାଇ ଯୁବତୀ ଓ ତାଙ୍କ ସାଥୀ ମହମ୍ମଦ ଆନସ ବେଗ୍ ମଧ୍ୟ କାଂସ୍ୟ ମୁକାବିଲାରେ ପରାସ୍ତ ହୋଇ ପଦକରୁ ବଞ୍ଚିତ ହୋଇଛନ୍ତି। ଏହି ଭାରତୀୟ ଯୋଡି ୦-୨ (୯-୧୨, ୬-୧୨)ରେ ହୁଆଙ୍ଗ ମିନ୍ ତାନ୍ ଗୁଏଁ ଓ ଜିଆ ଗି ତ୍ରିନ୍‌ଙ୍କଠୁ ହାରି ଯାଇଥିଲେ।

# ବାଲାଜୀ ଟିମ୍ ଇଣ୍ଡିଆ ଏ'ର ନୂଆ ହେଡ୍ କୋଚ୍

ନୂଆଦିଲ୍ଲୀ, ୨୦।୯ : ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଦ୍ରୁତ ବୋଲର ଲକ୍ଷ୍ମୀପତି ବାଲାଜୀଙ୍କୁ ଭାରତ-ଏ ଦଳର ହେଡ୍ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆ-ଏ ବିପକ୍ଷ ମଲ୍ଟି-ଫର୍ମାଟ୍ ସିରିଜ୍ ପାଇଁ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ପୁଡୁଚେରୀରେ ଆସନ୍ତା ୨୨ ସେପ୍ଟେମ୍ବରରୁ ଏହି ସିରିଜ୍ ଆରମ୍ଭ ହେବ। ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଦୁଇଟି ଅନଅଫିସିଆଲ୍ ଟେଷ୍ଟ ଏବଂ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଟେଷ୍ଟ ଦଳର ନେତୃତ୍ୱ ଦେବଦତ୍ତ ପଡିକଲଙ୍କ ହାତରେ ରହିଥିବା ବେଳେ ଦିନିକିଆ ଦଳର କ୍ୟାପଟେନ୍ ହେବେ ଋତୁରାଜ ଗାଏକ୍ୱାଡ୍। ଉଭୟ ଫର୍ମାଟ୍‌ରେ ବାଲାଜୀ ହେଡ୍ କୋଚ୍ ଭାବେ ଦାୟିତ୍ୱ ତୁଲାଇବେ। ଲକ୍ଷ୍ମୀପତି ବାଲାଜୀଙ୍କର କୋଚିଂ କ୍ଷେତ୍ରରେ ମଧ୍ୟ ଭଲ ଅଭିଜ୍ଞତା ରହିଛି। ସେ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବା ସହ ଦଳର କୋଚିଂ ଷ୍ଟାଫ୍‌ର ଅଂଶ ମଧ୍ୟ ରହିଛନ୍ତି। ଏହାଛଡ଼ା ତାମିଲନାଡୁ ଦଳ ସହ ମଧ୍ୟ ସେ କୋଚ୍ ଭାବେ କାମ କରିଛନ୍ତି। ରିପୋର୍ଟ ଅନୁସାରେ, ଏହି ମଲ୍ଟି-ଫର୍ମାଟ୍ ସିରିଜ୍ ପାଇଁ ବାଲାଜୀଙ୍କୁ ଭାରତ-ଏ ଦଳର ହେଡ୍ କୋଚ୍ କରାଯାଇଛି। ତେବେ ଆଗାମୀ ଦିନରେ ସେ ଭାରତ-ଏ ଦଳର କୋଚ୍ ଭାବେ ଜାରି ରହିବେ କି ନାହିଁ, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ଆସିନାହିଁ। ଲକ୍ଷ୍ମୀପତି ବାଲାଜୀ ୨୦୦୨ରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ସେ ଭାରତ ପାଇଁ ୮ଟି ଟେଷ୍ଟ, ୩୦ଟି ଦିନିକିଆ ଏବଂ ୫ଟି ଟି୨୦ଓ ମ୍ୟାଚ୍ ଖେଳିଛନ୍ତି।

# ଜର୍ସି ଏବଂ କିଟ୍ ସମସ୍ୟାରେ ଦଳ

ନୂଆଦିଲ୍ଲୀ, ୧୯/୦୯; ଜାପାନରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ଏସୀୟ କ୍ରୀଡ଼ା ପାଇଁ ଯାତ୍ରା କରିବା ପୂର୍ବରୁ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏକ ଅଦ୍ଭୁତ ସମସ୍ୟାର ସମ୍ମୁଖୀନ ହୋଇଛି। ଶ୍ରେୟସ ଆୟାରଙ୍କ ନେତୃତ୍ୱାଧୀନ ଦଳ ରବିବାର ସକାଳେ ଅର୍ଥାତ୍ ଆସନ୍ତାକାଲି ନୂଆଦିଲ୍ଲୀରୁ ନାଗୋୟା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହା ପୂର୍ବରୁ ଦଳ ଏକ ଅଜବ ସମସ୍ୟାରେ ପଡିଛି। ଖେଳାଳିଙ୍କ ଜର୍ସି ଏବଂ କିଟ୍ ର ସଠିକ୍ ଆକାରକୁ ନେଇ ବିଚାରବିମର୍ଶ ଚାଲିଛି। ଏହି ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିଆଇ) ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ)ର ଅଫିସିଆଲ୍ କିଟ୍ ଯୋଗାଣକାରୀ ଜେଏସ୍‌ଡବ୍ଲ୍ୟୁ ଇନସ୍ପାୟାର ମଧ୍ୟରେ ନିରନ୍ତର ଆଲୋଚନା ଚାଲିଛି। ଦୁଇଟି ଭିନ୍ନ କିଟ୍ ଏବଂ ଆକାରର ଦ୍ୱନ୍ଦ୍ୱ- ଏହି ଗସ୍ତରେ ଭାରତୀୟ କ୍ରିକେଟରମାନଙ୍କୁ ଦୁଇଟି ଭିନ୍ନ ପ୍ରକାରର ଜର୍ସି ପିନ୍ଧିବାକୁ ପଡ଼ିବ। ସେପ୍ଟେମ୍ବର ୨୨ରେ ଟିମ୍ ଇଣ୍ଡିଆ ଜାପାନ ବିପକ୍ଷରେ ଟି-୨୦ ମ୍ୟାଚ୍ ଖେଳିବ। ଯେଉଁଥିରେ ଖେଳାଳିମାନେ ବିସିସିଆଇ ଜର୍ସି ପିନ୍ଧିବେ। କିନ୍ତୁ ସେପ୍ଟେମ୍ବର ୨୮ ତାରିଖରୁ ଏସିଆନ୍ ଗେମ୍ସର କ୍ରିକେଟ୍ ଇଭେଣ୍ଟ ଆରମ୍ଭ ହେବ, ଯେଉଁଠାରେ ଖେଳାଳିମାନେ ଆଇଓଏ ଦ୍ୱାରା ସ୍ଥିର ହୋଇଥିବା ଅଫିସିଆଲ୍ ଏସୀୟ ସ୍ପୋର୍ଟସ୍ କିଟ୍ ପିନ୍ଧି ଆସିବେ। ଦୁଇଟି ଭିନ୍ନ କିଟ୍ ଥିବାରୁ କିଛି ଆକାରର ସମସ୍ୟା ସାମ୍ନାକୁ ଆସିଛି। ତେବେ ଅଧିକାଂଶ ମାମଲାର ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ କିଟ୍ ଖୁବଶୀଘ୍ର ଖେଳାଳିମାନଙ୍କୁ ଯୋଗାଇ ଦିଆଯିବ। ଏବେ ଅଧିକାଂଶ ଖେଳାଳିଙ୍କ ସମସ୍ୟାର ସମାଧାନ ହୋଇଛି ଏବଂ ବାକି କିଟ୍ ମଧ୍ୟ ଖୁବଶୀଘ୍ର ଦଳ ନିକଟରେ ପହଞ୍ଚିବ ବୋଲି ଆଶା କରାଯାଉଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,